ଧରିତ୍ରୀ
DHARITRI
November 24-30, 2019 ₹ 2/-

# ଛୁଟିଦିନ



## ଇକୋ ଭିଲେଜ

# ମୁଦୁଲି ଗାଡ଼ିଆ

୩
ପ୍ରଚ୍ଛଦ ପ୍ରସଙ୍ଗ

ଡାଉ ରଙ୍ଗର କାନ୍ଥରେ ଧଳା ରଙ୍ଗର ଝୋଟି । ରାସ୍ତାଘାଟ ସୁନ୍ଦର ପରିଚ୍ଛନ୍ନ,ଘରେ ଘରେ ଶୌଚାଳୟ, ଗ୍ୟାସ୍ ଆଉ ବିଶୁଦ୍ଧ ପିଇବା ପାଣି। ପଲିଥିନ, ପ୍ଲାଷ୍ଟିକ୍ ଏଠି ପୂରା ମନା। ଇଏ ହେଲା ନୟାଗଡ ଜିଲାର ଇକୋ ଫ୍ରେଣ୍ଡଲି ଗାଁ ମୁଦୁଲିଗାଡ଼ିଆ...

ସହରଠୁ ଦୂର
୧୩

୮/୯
ସିନେମା



# ସେଲିବ୍ରିଟିଙ୍କ ଟାଟୁ



* ବିଶ୍ୱ ସୁନ୍ଦରୀ ପ୍ରିୟଙ୍କା ଚୋପ୍ରା ନିଜ ହାତରେ ଟାଟୁ ବନେଇ ଲେଖିଛନ୍ତି 'ଡାଡିସ୍ ଲିଲ୍ ଗର୍ଲ'। ନିଜ ବାପାଙ୍କ ଉଦ୍ଦେଶ୍ୟରେ ସେ ଏହି ଟାଟୁ ବନେଇଛନ୍ତି।
* ସେହିଭଳି ଅଭିନେତ୍ରୀ ଆଲିଆ ଭଟ୍ଟ ନିଜ ବେକ ମୂଳରେ ହିନ୍ଦୀ ଅକ୍ଷରରେ ଟାଟୁ ବନେଇ ଲେଖିଛନ୍ତି 'ପଟାକା'।
* ଅଭିନେତା ରଣବୀର କପୁର କଟଟି ତଳେ ଦେବନଗରୀ ଲିପିରେ ଲେଖିଛନ୍ତି 'ଆୱାରା'।
* କଙ୍ଗନା ରନୌତ ପଛ ବେକ ମୂଳରେ ଏକ ଆର୍ଟିଷ୍ଟିକ ଟାଟୁ ବନେଇଛନ୍ତି ଯେଉଁଥିରେ ପକ୍ଷୀର ଡେଣା, ଏକ ଖଣ୍ଡା ଏବଂ ଏକ ମୁକୁଟର ସଂକେତ ରହିଛି।
* ଅର୍ଜୁନ କପୁର ନିଜ ମା' ଙ୍କ ଉଦ୍ଦେଶ୍ୟରେ କଟଟିରେ ହିନ୍ଦୀ ଅକ୍ଷରରେ 'ମା' ଲେଖାଥିବା ଏକ ଟାଟୁ ବନେଇଛନ୍ତି।
* ଭଗବାନ ଶିବଙ୍କ ଏକ ବିଶାଳ ଟାଟୁ ନିଜ ଛାତିରେ ବନେଇଛନ୍ତି ଅଭିନେତା ଅଜୟ ଦେବଗନ।
* ଅଭିନେତା ଶେଫ୍ ଅଲ୍ଲୀ ଖାନ୍ ନିଜ ହାତରେ ପତ୍ନୀ କରିନାଙ୍କ ନାଁର ଟାଟୁ ବନେଇ ଏକଦା ବେଶ୍ ଚର୍ଚ୍ଚାରେ ଥିଲେ।
* ସେହିଭଳି ଦୀପିକା ପାଦୁକୋନ ପଛ ବେକ ମୂଳରେ ବନେଇଥିବା 'ଆର୍ କେ' ଟାଟୁ ମଧ୍ୟ ବେଶ୍ ଚର୍ଚ୍ଚାରେ ଥିଲା।
* ଆକ୍ସନ ଷ୍ଟାର ଅକ୍ଷୟ କୁମାର ନିଜ ପିଠିରେ ପୁଅ 'ଆରଭ'ଙ୍କ ନାଁ ର ଟାଟୁ ବନେଇଛନ୍ତି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ନଭେମ୍ବର ୨୪-୩୦**

**ମେଷ**
ନୂତନ କାର୍ଯ୍ୟାରମ୍ଭ, ପ୍ରତିଯୋଗିତାରେ ସଫଳତା, ପାରିବାରିକ ବିବାଦ, ମାନସିକ ଅସ୍ଥିରତା, ଅର୍ଥନୈତିକ ଅଭିବୃଦ୍ଧି, ଶିଳ୍ପ, ମାଲିମକଦ୍ଦମାରେ ଡିଗ୍ରୀ, ଆନୁଷ୍ଠାନିକ କାମରେ ଉତ୍ସାହ, ସହକର୍ମୀଙ୍କ ଉଦାରତା, ସମ୍ପର୍କୀୟଙ୍କ ପରୋକ୍ଷ ଶତ୍ରୁତା।

**ବୃଷ**
ପାରିବାରିକ ପ୍ରତିରୋଧ, ପ୍ରଶାସନିକ ଅସ୍ଥିରତା, ଆଲୋଚନାରେ ସଫଳତା, ଆତ୍ମୀୟସ୍ୱଜନଙ୍କ ସୁପରାମର୍ଶ, ଭୁଲ୍ ବୁଝାମଣାରୁ ଦ୍ୱନ୍ଦ୍ୱ, ଗବେଷଣାରେ ଅଗ୍ରଗତି, ଯାତ୍ରା ସ୍ଥଗିତ ରହିବ, ପରିବହନରୁ ଲାଭ।

**ମିଥୁନ**
ସାମାଜିକ ପ୍ରତିଷ୍ଠା, ମିତ୍ରବନ୍ଧୁଙ୍କ ଶତ୍ରୁତା, ଅର୍ଥସଂକଟ ଲାଗି ରହିବ, ଗୃହଭୂମି ଲାଭ, ଯାନବାହନରେ ତ୍ରୁଟି, ସରକାରୀ ସାହାଯ୍ୟ ମିଳିବ, ବନ୍ଧୁ ସମ୍ପର୍କରେ ଉନ୍ନତି, କଳାପ୍ରିୟ ହେବେ, ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟ।

**କର୍କଟ**
ବନ୍ଧୁଙ୍କ ସହଯୋଗ, ଅର୍ଥନୈତିକ ଅଭିବୃଦ୍ଧି, ନିର୍ମାଣ ପୂର୍ଣ୍ଣାଙ୍ଗ ହେବ, ଗମନାଗମନରେ ବାଧା, ପୂର୍ବ ଶତ୍ରୁତାରୁ ବିବାଦ, ପାରିବାରିକ ଭୁଲ୍ ବୁଝାମଣା, ସାମାଜିକ ମୂଲ୍ୟବୋଧ ବଢ଼ିବ, ଚାକିରି ଅଫର୍ ପାଇବେ, ମୂଲ୍ୟବାନ ଜିନିଷ କ୍ରୟ।

**ସିଂହ**
କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ପୂର୍ବ ବିବାଦର ସମାଧାନ, ବନ୍ଧୁଙ୍କ ଅପପ୍ରଚାର, ଖର୍ଚ୍ଚାନ୍ତରୁ ଦୁଶ୍ଚିନ୍ତା, ନିର୍ମାଣାଧୀନରେ ବାଧା, ସ୍ତ୍ରୀଙ୍କ ସୁପରାମର୍ଶ, ସ୍ୱାସ୍ଥ୍ୟହାନି, ଆର୍ଥିକ ଅନଟନ, ବନ୍ଧୁଙ୍କ ସହାନୁଭୂତି, ଗବେଷଣାରେ ସଫଳତା।

**କନ୍ୟା**
ଆର୍ଥିକ ଉନ୍ନତି, ଶତ୍ରୁକୃତ ବିବାଦର ସମାଧାନ, ବନ୍ଧୁସମ୍ପର୍କରେ ଉନ୍ନତି ବ୍ୟାହତ। ଲକ୍ଷ୍ୟହୀନ ଭ୍ରମଣ, ସଫଳତାରେ ଅନିଶ୍ଚିତତା। ବନ୍ଧୁଙ୍କ ଈର୍ଷା ଓ ଅସୂୟାଭାବ, ପ୍ରକାଶନରେ ସମସ୍ୟା, ବସ୍ତ୍ରାଳଙ୍କାର ପ୍ରାପ୍ତି।

**ତୁଳା**
ଯାତ୍ରାରେ ପ୍ରତିକୂଳତା, ପଡ଼ୋଶୀଙ୍କ ସାହାଯ୍ୟ, ଅର୍ଥନୈତିକ ଅଭିବୃଦ୍ଧି, ନୂତନ ଯୋଜନା। ସତ୍ସଙ୍ଗ, ବୁଦ୍ଧିଜୀବୀଙ୍କ ଶାସ୍ତ୍ରାଲୋଚନା, କାର୍ଯ୍ୟହାନିରୁ ଅନୁତାପ, ଦୈହିକ ଦୁର୍ବଳତା, ଆର୍ଥିକ ଅନଟନ, ତୀର୍ଥାଟନରେ ବାଧା।

**ବିଛା**
ଲକ୍ଷ୍ୟପୂରଣ, ମିତ୍ରବନ୍ଧୁଙ୍କ ସମାଗମ, ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକସ୍ଥିତିରେ ଉନ୍ନତି, ବନ୍ଧୁଙ୍କ କୃତଘ୍ନତା, କଚେରି ମାମଲାରେ ସମସ୍ୟା, ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପା, କ୍ରୀଡ଼ା ଚଳଚ୍ଚିତ୍ରରେ ସମ୍ମାନ, ପାରିବାରିକ ସହଯୋଗ, ଭ୍ରମଣ ସୁଯୋଗ।

**ଧନୁ**
କାମରେ ଅଚଳାବସ୍ଥା, ସାଧାରଣ କଥାରୁ ମତାନ୍ତର, ଶାରୀରିକ କୁଶଳତା, ବନ୍ଧୁଙ୍କ ଆନୁଷ୍ଠାନିକ କାମରେ ଅଗ୍ରଗତି, ଧର୍ମକାର୍ଯ୍ୟରେ ବାଧା, ଯାତ୍ରାରେ ପ୍ରତିବନ୍ଧକ, ପରିବହନରେ ଝଗଡ଼ା, ଅମୀମାଂସିତ ଆଲୋଚନା।


**ମକର**
କାର୍ଯ୍ୟସିଦ୍ଧି, ମିତ୍ରବନ୍ଧୁଙ୍କ ସମାଗମ, ପଡ଼ୋଶୀଙ୍କ ପରାମର୍ଶ, ପ୍ରଶାସନିକ ତତ୍ପରତା, ସ୍ୱାସ୍ଥ୍ୟରେ ଉନ୍ନତି। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ମାନସିକ ଶାନ୍ତି, ସ୍ୱଜନ ଶତ୍ରୁତା, ଯାତ୍ରା ସ୍ଥଗିତ ରହିବ, ଲେଖାପଢ଼ାରେ ଉନ୍ନତି।

**କୁମ୍ଭ**
ଉଚ୍ଚଚିନ୍ତା, ନୂତନ ପ୍ରକଳ୍ପାରମ୍ଭ, ପରିଜନଙ୍କ ବିବାଦ, ପରୋକ୍ଷଶତ୍ରୁତା, ଦ୍ରବ୍ୟଲାଭ, ପଡ଼ୋଶୀଙ୍କ ସାହାଯ୍ୟ, ରୋଗ ପୀଡ଼ା ଉପଶମ ହେବ, ନିର୍ମାଣରେ ସାମୟିକ ବାଧା, ନିରଙ୍କୁଶ ପ୍ରଗତି, ବନ୍ଧୁଙ୍କ ସମାଲୋଚନା, ପରିବହନରେ ଝଗଡ଼ା।

**ମୀନ**
କର୍ମୋନ୍ନତି, ଦୈହିକ ସୁସ୍ଥତା, ରାଜନୈତିକ ମତଭେଦ, ଆଲୋଚନାରୁ ସଂଘର୍ଷ, ଆର୍ଥିକ ସଂକଟ, ପାରିବାରିକ ସ୍ଥିତିରେ ଉନ୍ନତି, ପ୍ରତିଯୋଗିତାରେ ବିଜୟ, ଯାତ୍ରାରେ ସଫଳତା, ମାଙ୍ଗଳିକ କାମର ପ୍ରସ୍ତୁତି।

# ଅଣ୍ଡର ୱାଟର ମ୍ୟୁଜିକ୍ ଫେଷ୍ଟିଭାଲ

ସଙ୍ଗୀତ ପ୍ରେମୀଙ୍କ ଲାଗି ପ୍ରତିବର୍ଷ ଫ୍ଲୋରିଡାରେ ଏକ ନିଆରା ମ୍ୟୁଜିକ ଫେଷ୍ଟିଭାଲ ଆୟୋଜନ କରାଯାଏ, ଯାହା ସମୁଦ୍ର ଗର୍ଭରେ ଅନୁଷ୍ଠିତ ହୋଇଥାଏ। ଏହି ମ୍ୟୁଜିକ୍ ଫେଷ୍ଟିଭାଲର ଆୟୋଜକ ବିଲ ବେକରଙ୍କ କହିବା ଅନୁଯାୟୀ ସାମୁଦ୍ରିକ ସମ୍ପଦର ସଂରକ୍ଷଣ ପ୍ରତି ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ପ୍ରତି ବର୍ଷ ଏଭଳି ଏକ ନିଆରା ଉତ୍ସବ ଆୟୋଜନ କରାଯାଇଥାଏ। ଯେଉଁଥିରେ ପୃଥିବୀର ବିଭିନ୍ନ ସ୍ଥାନରୁ ପ୍ରତିଯୋଗୀମାନେ ଆସି ଭାଗ ନେଇଥାନ୍ତି। ସ୍ୱତନ୍ତ୍ର ପୋଷାକ ସହ ପ୍ରତିଯୋଗୀମାନେ ଜଳପରୀ ବେଷରେ ମଧ୍ୟ ନଜର ଆସିଥାନ୍ତି। ଏହି ଉତ୍ସବରେ ମ୍ୟୁଜିସିଆନ ବୁଡାଳିମାନେ ପାଣି ଭିତରେ ସାମୁଦ୍ରିକ ଥିମ୍ କୁ ନେଇ ପ୍ରସ୍ତୁତ ହୋଇଥିବା ବିଭିନ୍ନ ଇନଷ୍ଟ୍ରୁମେଣ୍ଟ ବଜେଇଥାନ୍ତି ଏବଂ ପୂର୍ବରୁ ବଛା ହୋଇ



ରହିଥିବା ସମୁଦ୍ର ଥିମ ଗୀତକୁ ଅଣ୍ଡରୱାଟର ସ୍ପିକର ଦ୍ୱାରା ଲାଇଭ ଷ୍ଟ୍ରିମିଙ୍ଗ କରାଯାଇଥାଏ। ତେବେ ଏହି ଉତ୍ସବର ମଜା ନେବା ଲାଗି ହଜାର ହଜାର ସଂଖ୍ୟକ ପର୍ଯ୍ୟଟକ ଫ୍ଲୋରିଡାର ଲୁ କି ରିଫ୍ ଠାରେ ଏକତ୍ରିତ ହୋଇଥାନ୍ତି।

# ପାଠକୀୟ

* ପିଲା ହେଉଛନ୍ତି ପ୍ରଜାପତି ପରି। ମନ ସେମାନଙ୍କର ଚାହେଁ ଉଡି ବୁଲିବାକୁ, ଆଉ ଛୁଇଁବାକୁ ଦୂର ଦିଗ୍‌ବଳୟ। ବେଳେବେଳେ ସେଇ ଝୁଙ୍କ୍‌ରେ ସେମାନେ ନିଜର ସମସ୍ତ ଶକ୍ତି ଓ ବୁଦ୍ଧି ଲଗାଇଦିଅନ୍ତି। ଆଉ ପହଞ୍ଚିଯାଆନ୍ତି ଶୀର୍ଷରେ। ପାଲଟିଯାଆନ୍ତି ଅନ୍ୟମାନଙ୍କ ପାଇଁ ଆଦର୍ଶ। ଓଡ଼ିଶାର ସେମିତି କେତେଜଣ କୁନି ତାରକାଙ୍କ ସଫଳତାର କାହାଣୀକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ଅତି ଉଚ୍ଚକୋଟୀର ହୋଇଥିଲା। 'ଫ୍ୟାନ ମ୍ୟୁଜିୟମ୍', 'ଚାଲିରୁ ଜାଣନ୍ତୁ ବ୍ୟକ୍ତିତ୍ୱ' ଆଦି ପାଠଗୁଡ଼ିକରୁ ଅନେକ ନୂଆ କଥା ଜାଣିବାକୁ ମିଳିଲା।

*–ତନ୍ମୟ ପ୍ରଧାନ, ସୋର, ବାଲେଶ୍ୱର*

* ଉକ୍ତ ସଂଖ୍ୟାର ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'କୁନି ତାରକା' ସତରେ ଏକ ପ୍ରେରଣାଦାୟୀ ଆଲେଖ୍ୟ ଥିଲା। 'ଅଜବ କଫି ମଗ୍' ପାଠଟିରୁ କେତେ ଭିନ୍ନ ଭିନ୍ନ ଡିଜାଇନ୍‌ର କଫି ମଗ୍ ସମ୍ପର୍କରେ ଜାଣିହେଲା। ସେହିପରି ବ୍ୟକ୍ତିତ୍ୱ ପୃଷ୍ଠାରୁ ଭାରତୀୟ ଆଧୁନିକ ପେଣ୍ଟିଂର ରୂପକାର 'ନନ୍ଦଲାଲ ବୋଷ'ଙ୍କ ସମ୍ପର୍କରେ ଅନେକ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

*–ରମେଶ ଭୋଇ, ଚନ୍ଦନପୁର, ପୁରୀ*

* ସୃଜନ ପୃଷ୍ଠାରେ ସ୍ଥାନିତ 'ହ୍ୱାଟ୍ସଆପ୍' ନାମକ ଗପଟି ପଢ଼ିଲି, ଏହା ଭାରି ମନଛୁଆଁ ହୋଇଥିଲା। ସେହିପରି 'ଭୋକ' ଓ 'କବିତା ଲେଖୁଥିବା ଝିଅ' ନାମକ ଦୁଇଟି କବିତା ବି ଖୁବ୍ ସୁନ୍ଦର ହୋଇପାରିଥିଲା। ସିନେମା ପୃଷ୍ଠାରେ ସ୍ଥାନିତ ରକୁଲ ପ୍ରୀତ୍ ସିଂଙ୍କ ଫଟୋଟି ବେଶ୍ ଆକର୍ଷଣୀୟ ଲାଗୁଥିଲା। ତା'ସହିତ ଇରାଙ୍କ କାହାଣୀ ମିଶନ, ଦୋଛକିରେ ଅସିତ ଆଦି ପାଠଗୁଡ଼ିକ ବି ବେଶ୍ ସୁନ୍ଦର ଭାବେ ଉପସ୍ଥାପିତ କରାଯାଇଥିଲା।

*–ଲିଙ୍କନ୍ ସାହୁ, କଲ୍ୟାଣପୁର, ଯାଜପୁର*

* ଅଭିନେତ୍ରୀ ପ୍ରିୟଙ୍କା ମହାପାତ୍ରଙ୍କ ରୋଜଗାର ସମ୍ପର୍କିତ ଲେଖାଟି ବେଶ୍ ମନଛୁଆଁ ହୋଇପାରିଥିଲା। ସାଥୀର ଉତ୍ତରଗୁଡ଼ିକ ବି ମଜାଳିଆ ଲାଗୁଥିଲା। ସେହିପରି ଚିନ୍ମୟ ଚିନ୍ତନ ପାଠଟି ପଢ଼ିଲା ପରେ ସତ୍‌ମାର୍ଗରେ ଯିବା ପାଇଁ ପ୍ରେରଣା ମିଳିଲା। ମଡେଲ୍ ମିର୍‌ରରେ ସୋନମ୍ ଖୁବ୍ ସୁନ୍ଦରୀ ଲାଗୁଥିଲେ। ସେହିପରି ସହର ପୃଷ୍ଠାରୁ ଐତିହାସିକ ସହର ପାଲ୍‌ଘର ସମ୍ପର୍କରେ ବି ଅନେକ ଅଜଣା କଥା ଜାଣିହେଲା।

*–ଶୁଭ୍ରପ୍ରକାଶ ମହାନ୍ତି, ନଖରା, କଟକ*

* କାର୍ଟୁନ କର୍ନରଟି ଖୁବ୍ ମଜାଳିଆ ହୋଇପାରୁଛି। ସେହିପରି ବିବିଧା ଓ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ ଛୋଟ ଛୋଟ ବିରଳ ଘଟଣାବଳୀ ଯେମିତିକି: 'ଦୁଇ ମାସ ଶୋଉଥିବା ଝିଅ', 'କଫି ଆର୍ଟ', 'ହ୍ୟାରିପୋଟର୍ ଝାଡୁ', 'ବିଲେଇ ମଠ' ଇତ୍ୟାଦି ପାଠଗୁଡ଼ିକ ପଢିଲେ ଖୁବ୍ ଆଶ୍ଚର୍ଯ୍ୟ ଲାଗୁଛି। ତା'ଛଡ଼ା ଯାତ୍ରା ସମ୍ପର୍କିତ ପାଠ ବି ଖୁବ୍ ମନଛୁଆଁ ହେଉଛି।

*–ରଶ୍ମିତା କର, ଭବାନୀପାଟଣା*

## ବିଶେଷ ଚିଠି




ଧରିତ୍ରୀର ଛୁଟିଦିନ ବଢ଼ିଆ
ଯେତେ ପଢ଼ିଲେ ବି ଲାଗଇ ନୂଆ।
ଫଟୋରେ ଲେଖାରେ କରେ କିମିଆ
ଥରେ ନ ଆସିଲେ ପାଠକେ ବାୟା।
ସାଥୀର ଉତ୍ତର ମନ ମତାଣିଆ
ଆ'ସାଙ୍ଗ ଥରେ ପଢିକି ଯାଆ।
ସହାୟ ହୁଅନ୍ତୁ ଜଗା କାଳିଆ
ଛୁଟିଦିନ ସଦା ହେଉ ଆଗୁଆ।

*–ଶରତ କୁମାର ଚଉଁରୀ, ମଙ୍ଗଳପୁର, ପିପିଲି, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com

## ଇକୋ ଭିଲେଜ

# ମୁଦୁଲି ଗାଡ଼ିଆ







ପ୍ରାକୃତିକ ପରିବେଶ ଭିତରେ ରହିଛି ଗାଁଟି। ଚାରିଆଡ଼େ ସଫାସୁତୁରା, ପ୍ରତିଟି ଘର ଢାଉ ରଙ୍ଗରେ ଲିପାଯାଇ ତା' ଉପରେ ପଡ଼ିଛି ସୁନ୍ଦର ସୁନ୍ଦର ଚିତ୍ର। ଅଳିଆ ଆବର୍ଜନା ପକାଇବା ପାଇଁ ରହିଛି ଡଷ୍ଟବିନ୍। ଘରେ ଘରେ ଶୌଚାଳୟ। ରୋଷେଇ ପାଇଁ ଗ୍ୟାସ୍ ସହିତ ପିଇବା ଲାଗି ବିଶୁଦ୍ଧ ପାଣି। ପ୍ଲାଷ୍ଟିକ ପଲିଥିନ ଏଠାରେ ସମ୍ପୂର୍ଣ୍ଣ ନିଷେଧ। ନୟାଗଡ଼ ଜିଲା ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତରେ ରହିଛି ଏହି ଇକୋ ଭିଲେଜ୍ ମୁଦୁଲିଗାଡ଼ିଆ। ଗ୍ରାମର ମୋଟ ୩୫ଟି ପରିବାର। ସମସ୍ତେ ପ୍ରାୟ ଦିନମଜୁରିଆ। ଆଉ କିଛି ଲୋକ ନିଜର ସ୍ୱଳ୍ପ ଜମିରେ ଚାଷବାସ କରିବା ସହ ଗୋମହିଷାଦି ପାଳନ କରି ପରିବାର ପ୍ରତିପୋଷଣ କରନ୍ତି। ଏହି ଗ୍ରାମର ଲୋକେ ଆଗରୁ ଜଙ୍ଗଲ ଉପର ନିର୍ଭର କରି ଆସୁଥିଲେ। କିନ୍ତୁ ଏବେ ପରିସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି। ଜଙ୍ଗଲ ଓ ପରିବେଶ ସୁରକ୍ଷା ଏବେ ଗାଁ ଲୋକଙ୍କ ବ୍ରତ ପାଲଟି ଯାଇଛି।

### ଇକୋଫ୍ରେଣ୍ଡଲି ଗାଁ ପାଇଁ ପ୍ରୟାସ

ମୁଦୁଲିଗାଡ଼ିଆ ଗାଁଟି ସାତକାଶିଆ ବ୍ୟାଘ୍ର ସଂରକ୍ଷଣାଞ୍ଚଳ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ଛାମୁଣ୍ଡିଆ ବନାଞ୍ଚଳ ମଧ୍ୟରେ ରହିଛି। ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ୫ ବର୍ଷ ପୂର୍ବେ ଗ୍ରାମର ଏକ ପରିବେଶ ବିକାଶ ସମିତି ଗଠନ (ଇଡିସି) କରାଯାଇଥିଲା। ଗତ ୨୦୧୫ରେ ଏହି ଗାଁ ନିକଟ ସାଉଥ ବଡ଼ମୂଳ ମଙ୍ଗାନାସୀଠାରେ ନୟାଗଡ଼ ବନ୍ୟପ୍ରାଣୀ ବିଭାଗ ଦ୍ୱାରା ସାତକୋଶିଆ ସ୍ୟାଣ୍ଡ ରିସର୍ଟ ନାମରେ ଏକ ପରିବେଶ ପର୍ଯ୍ୟଟନ କେନ୍ଦ୍ର ନିର୍ମାଣ କରାଗଲା। ଏବଂ ଗାଁରେ ଗଠନ ହୋଇଥିବା ପରିବେଶ ବିକାଶ ସମିତି (ଇଡିସି)କୁ ପର୍ଯ୍ୟଟନ କେନ୍ଦ୍ରର ପରିଚାଳନା ଦାୟିତ୍ୱ ହସ୍ତାନ୍ତର କରାଗଲା। ସେହି ଦିନୁ ଗ୍ରାମର ଇଡିସି କମିଟିର ୨୬ ଜଣ ସଭ୍ୟାସଭ୍ୟ ଓ ବନ୍ୟପ୍ରାଣୀ ବିଭାଗ ମିଳିତ ପରିଚାଳନାରେ ପର୍ଯ୍ୟଟନ କେନ୍ଦ୍ରଟି ପରିଚାଳିତ ହୋଇଆସୁଛି। ପର୍ଯ୍ୟଟନ କେନ୍ଦ୍ରର ସମୁଦାୟ ଆୟରୁ ପରିଚାଳନା କମିଟିର ଦରମା ବାବଦକୁ ୩୫%, ଗ୍ରାମ୍ୟ ଫଣ୍ଡ (ଇଡିସି ଫଣ୍ଡ)କୁ ୧୦%, ପର୍ଯ୍ୟଟକଙ୍କ ଖାଦ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ପାଇଁ ୨୫%, ଉନ୍ନୟନ ବାବଦକୁ ୧୦%, ବ୍ୟାଘ୍ର ପ୍ରକଳ୍ପ ବାବଦକୁ ୧୦% ଓ ସରକାରଙ୍କ କର୍ପସ ଫଣ୍ଡ ବାବଦକୁ ୧୦ ପ୍ରତିଶତ ଅର୍ଥ ଦିଆଯାଉଛି। ଗତବର୍ଷ ଏହି ପର୍ଯ୍ୟଟନ କେନ୍ଦ୍ରରେ ୧ କୋଟି ୩୦ ଲକ୍ଷ ଟଙ୍କା ଆୟ ହୋଇ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲା। ତେବେ ଗାଁର ଇଡିସି ଫଣ୍ଡକୁ ଯାଉଥିବା ୧୦% ଅର୍ଥରେ ଗ୍ରାମବାସୀ ଗ୍ରାମର ଅଭାବ ଅସୁବିଧା ଦୂର କରିବା ସହ ଏକ ମନ୍ଦିର ମଧ୍ୟ ନିର୍ମାଣ କରିଛନ୍ତି। ଯଦିଓ ଗାଁର ଚତୁଃପାର୍ଶ୍ୱରେ ପ୍ରାକୃତିକ ପରିବେଶ ଭରି ରହିଥିଲା କିନ୍ତୁ ଗାଁରେ ସ୍ୱଚ୍ଛ ଓ ନିର୍ମଳ ପରିବେଶ ନ ଥିଲା। ତେବେ ମୁଦୁଲିଗାଡ଼ିଆ ଗ୍ରାମକୁ ଏକ ସ୍ୱଚ୍ଛ, ସୁନ୍ଦର, ଓ ପରିବେଶ ଅନୁକୂଳ କରିବା ପାଇଁ ଗତ ଅକ୍ଟୋବର ୧ ତାରିଖରେ ଇଡିସି ତରଫରୁ ଏକ ବୈଠକ କରାଯାଇ ପ୍ରସ୍ତାବ ନିଆଯାଇଥିଲା। ତେବେ ଇଡିସିର କୋଠ ଫଣ୍ଡରୁ ୩ ଲକ୍ଷ ୯୫ ହଜାର ଟଙ୍କା ଖର୍ଚ୍ଚ କରାଯାଇ ଇକୋଭିଲେଜ ବାବଦରେ ଖର୍ଚ୍ଚ କରାଯାଇଥିବା କମିଟି ସୂଚନା ଦେଇଛି। ଗ୍ରାମରେ ଛୋଟବଡ଼ ଧନୀଗରିବ ଭେଦଭାବ ଭୁଲି ସମାନ ମନୋଭାବ ସୃଷ୍ଟି କରିବା ପାଇଁ ସମସ୍ତ ଘରକୁ ଗୋଟିଏ ରଙ୍ଗରେ ରଙ୍ଗାଯାଇଛି। ଏଥିସହ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ପ୍ରତିଟି ଘରେ ବିଭିନ୍ନ ଆକୃତିର ଝୋଟି ଚିତା ଓ ଚିତ୍ର କରାଯାଇଛି। ଗାଁର ପରିବେଶକୁ ସ୍ୱଚ୍ଛ ସୁନ୍ଦର ରଖିବା ପାଇଁ ଗ୍ରାମର ମହିଳାମାନେ ପ୍ରତିଦିନ ସକାଳୁ ଗାଁ ଚାରିପାଖ ସଫାସୁତରା କରିଥାନ୍ତି। ଅଳିଆ ଆବର୍ଜନାଗୁଡ଼ିକ ଡଷ୍ଟବିନ୍‌ରେ ପକାଇଥାନ୍ତି। ପ୍ରତି ପରିବାରକୁ ପାଇଖାନା ନିର୍ମାଣ କରାଯିବା ସହ ବାହ୍ୟମଳତ୍ୟାଗକୁ ବାରଣ କରାଯାଇଛି। ସେହିପରି ଜଙ୍ଗଲର ନିର୍ଭରଶୀଳତାକୁ କମାଇବା ପାଇଁ ପ୍ରତି ପରିବାର ଗ୍ୟାସ୍ ବ୍ୟବହାର କରୁଛନ୍ତି। ପ୍ରତି ପରିବାରକୁ ମଧ୍ୟ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷେ ଗ୍ରାମବାସୀଙ୍କ ତରଫରୁ ପ୍ଲାଷ୍ଟିକ୍ ଓ ପଲିଥିନ୍ ବ୍ୟବହାରକୁ ବର୍ଜନ କରାଯାଇଛି। ଗ୍ରାମକୁ ସୌନ୍ଦର୍ଯ୍ୟକରଣ କରିବା ପାଇଁ ବିଭିନ୍ନ ସ୍ଥାନରେ ଥିବା ଗଛ ମୂଳେ ସିମେଣ୍ଟ ପିଣ୍ଡି ନିର୍ମାଣ କରାଯାଇ ଗଛଗୁଡ଼ିକ ରଙ୍ଗବେରଙ୍ଗର ଆଲୋକରେ ସଜାଯାଇଛି।

### ସାତକୋଶିଆ ସ୍ୟାଣ୍ଡ ରିସର୍ଟ

ଇକୋ ଭିଲେଜ୍ ମୁଦୁଲିଗାଡ଼ିଆ ଗ୍ରାମର ଅନତି ଦୂରରେ ରହିଛି ପରିବେଶ

→


**ଢାଉ ରଙ୍ଗର କାନ୍ଥରେ ଧଳା ରଙ୍ଗର ଝୋଟି । ରାସ୍ତାଘାଟ ସୁନ୍ଦର ପରିଚ୍ଛନ୍ନ,ଘରେ ଘରେ ଶୌଚାଳୟ, ଗ୍ୟାସ୍ ଆଉ ବିଶୁଦ୍ଧ ପିଇବା ପାଣି। ପଲିଥିନ, ପ୍ଲାଷ୍ଟିକ୍ ଏଠି ପୂରା ମନା। ଇଏ ହେଲା ନୟାଗଡ ଜିଲାର ଇକୋ ଫ୍ରେଣ୍ଡଲି ଗାଁ ମୁଦୁଲିଗାଡ଼ିଆ...**











ପର୍ଯ୍ୟଟନ କେନ୍ଦ୍ର ସାତକୋଶିଆ ସ୍ୟାଣ୍ଡ ରିସର୍ଟ। ଗତ ୨୦୧୫ ମସିହାରେ ସାଉଥ୍ ବଡ଼ମୂଳ ମଙ୍ଗାନାସୀଠାରେ ବନ୍ୟପ୍ରାଣୀ ବିଭାଗ ତରଫରୁ ଆରମ୍ଭ କରାଯାଇଥିବା ସାତକୋଶିଆ ପ୍ରାକୃତିକ ପରିବେଶ ପର୍ଯ୍ୟଟନ କେନ୍ଦ୍ରରେ ରହିଛି ୪ଟି ଶୀତତାପ ନିୟନ୍ତ୍ରିତ ତମ୍ବୁ କଟେଜ, ଓ ୩ଟି ଶୀତତାପ ନିୟନ୍ତ୍ରିତ କଟେଜ ଏବଂ ମହାନଦୀର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟାରେ ରହିଛି ୧୨ଟି ସୁଇଚ୍‌କଟନ ଟେଣ୍ଟ। ଏଠାରେ ପର୍ଯ୍ୟଟକମାନଙ୍କ ପାଇଁ ଦେଶୀ ସ୍ୱାଦିଷ୍ଟ ଖାଦ୍ୟ, ସାତକୋଶିଆ ଗଣ୍ଡରେ ନୌକାବିହାର ସମୟରେ କୁମ୍ଭୀର, ଦେଶୀ ଓ ବିଦେଶୀ ପକ୍ଷୀଙ୍କୁ ଦେଖିବାର ମଜା, ସନ୍ଧ୍ୟାରେ ଲୋକନୃତ୍ୟ, କ୍ୟାମ୍ପଫାୟାର, ଖେଳ ସୁବିଧା, ଲାଇବ୍ରେରୀ, ଜଙ୍ଗଲ ଟ୍ରେକିଂ, ସାଇକେଲିଂ ଓ ମହାନଦୀରେ ସୁରକ୍ଷିତ ସନ୍ତରଣ ବ୍ୟବସ୍ଥା ରହିଛି। ଏଥିସହ ଗତବର୍ଷ କ୍ୟାନୋପିୱାକ ବା ଟ୍ରିୱାକ୍ ଓଡ଼ିଶାରେ ପ୍ରଥମକରି ଏହି ପର୍ଯ୍ୟଟନ କେନ୍ଦ୍ରରେ କରାଯାଇଥିବା ବେଳେ ଚଳିତବର୍ଷ ଇକୋ ଭିଲେଜ୍ ମୁଖ୍ୟ ଆକର୍ଷଣ ପାଲଟିଛି। ପ୍ରତିଦିନ ଏଠାକୁ ବହୁସଂଖ୍ୟାରେ ରାଜ୍ୟ, ଦେଶ ଓ ଦେଶବାହାରୁ ବହୁ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳୁଛି।

## ପରିବେଶ ବିକାଶ ସମିତି କ'ଣ କରେ ସାରାଦିନ

ଇକୋ ଭିଲେଜ ମୁଦୁଲିଗାଡିଆ ଗ୍ରାମରେ କାର୍ଯ୍ୟ କରୁଥିବା ପରିବେଶ ବିକାଶ ସମିତିରେ ମୋଟ ୨୬ ଜଣ ସଭ୍ୟାସଭ୍ୟ ଅଛନ୍ତି। ସେଥି ମଧ୍ୟରୁ ୯ ଜଣ ମହିଳା ଥିବାବେଳେ ୧୭ ଜଣ ପୁରୁଷ ସଭ୍ୟ ରହିଛନ୍ତି। ଇଡିସିର ମହିଳା ସଭ୍ୟାମାନେ ସକାଳ ୫.୩୦ ମି.ରୁ ୬ଟା ପର୍ଯ୍ୟନ୍ତ ଗାଁର ପରିବେଶକୁ ସଫାସୁତରା କରନ୍ତି। ଇଡିସି କମିଟି ସଭ୍ୟାସଭ୍ୟଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଛି। ପ୍ରତି କଟେଜରେ ୨ ଜଣ ସଭ୍ୟାସଭ୍ୟ, ଡାଇନିଂରେ ଜଣେ, ଇକୋ ଗାଇଡ୍‌ରେ ଜଣେ ଓ ସୁପର ଭିଜନରେ ୩ ଜଣ ସଭ୍ୟାସଭ୍ୟ ନିୟୋଜିତ ହୋଇଥାନ୍ତି। ଦାୟିତ୍ୱରେ ଥିବା ଇଡିସି ସଭ୍ୟାସଭ୍ୟମାନେ ସକାଳ ୬.୩୦ମି.ରୁ ୭ଟା ମଧ୍ୟରେ କଟେଜର ସଫାସୁତୁରା କରନ୍ତି। କଟେଜ ଦାୟିତ୍ୱରେ ଥିବା ଇଡିସି ସଭ୍ୟାମାନେ ନିଜ ନିଜ ପର୍ଯ୍ୟଟକଙ୍କ ଚାହିଦା ମୁତାବକ ସେବା ଯୋଗାଇଥାନ୍ତି। ସେହିପରି ୨ ଜଣ ସଭ୍ୟ ଗେଟ୍‌ରେ ରହି ପର୍ଯ୍ୟଟକଙ୍କୁ ଫୁଲଚନ୍ଦନ ଦେଇ ସ୍ୱାଗତ କରି ବୁକିଂ ହୋଇଥିବା କଟେଜରେ ପହଞ୍ଚାଇଥାନ୍ତି। ରାତି ୧୦ଟା ପରେ ମହିଳା ସଭ୍ୟାସଭ୍ୟମାନେ ପର୍ଯ୍ୟଟନ କେନ୍ଦ୍ରରୁ ନିଜ ଘରକୁ ଯାଇଥାନ୍ତି। ଇଡିସିର ସଭ୍ୟାସଭ୍ୟମାନେ ପର୍ଯ୍ୟଟକଙ୍କୁ ଉତ୍ତମ ବ୍ୟବହାର ଓ ସେବା ଯୋଗାଇଥାନ୍ତି। ପର୍ଯ୍ୟଟକ ଏଠାରେ ପହଞ୍ଚିବାଠାରୁ ପର୍ଯ୍ୟଟନ କେନ୍ଦ୍ର ଛାଡିବା ପର୍ଯ୍ୟନ୍ତ ଉତ୍ତମଭାବେ ଦାୟିତ୍ୱ ସମ୍ପାଦନ କରିଥାନ୍ତି। ମହିଳା ଓ ପୁରୁଷ ସଭ୍ୟାସଭ୍ୟମାନଙ୍କ ମଧ୍ୟରେ ପ୍ରଭେଦ ନ ରଖି ପାରିଶ୍ରମିକ ଅର୍ଥକୁ ସମାନ ଭାବେ ବାଣ୍ଟି ନେଇଥାନ୍ତି। ମା' ସାତଭଉଣୀ ଇଡିସିର ସୁପରିଚାଳନା ଓ ସେବା ଯୋଗୁ ପର୍ଯ୍ୟଟକଙ୍କ ସଂଖ୍ୟା ପ୍ରତିବର୍ଷ ବୃଦ୍ଧିପାଇବାରେ ଲାଗିଛି।

## ଏଠାକୁ କିପରି ଆସିବେ

ଭୁବନେଶ୍ୱରରୁ ବସ୍ ଯୋଗେ ବାଘମାରୀ କଣ୍ଟିଲୋ ରାସ୍ତାରେ ଭାୟା ଗଣିଆ ଦେଇ ଆସିବାକୁ ପଡ଼େ। ଭୁବନେଶ୍ୱରରୁ ଏହା ୧୧୮ କି.ମି. ଦୂର। ନୟାଗଡ଼ରୁ ଆସିଲେ ଦଶପଲ୍ଲା କିମ୍ବା ଖଣ୍ଡପଡ଼ା ଦେଇ ଗଣିଆ ପହଞ୍ଚିବା ପରେ ଭାୟା ଛାମୁଣ୍ଡିଆ ଦେଇ ଆସିବାକୁ ପଡ଼ିଥାଏ। ନୟାଗଡ଼ଠାରୁ ଏହା ୭୨ କି.ମି. ଦୂର । ସାତକୋଶିଆ ସ୍ୟାଣ୍ଡ ରିସର୍ଟରେ ରହଣି ପାଇଁ www.eco-tourodisha.comରେ ବୁକିଂ କରିବାକୁ ପଡ଼ିଥାଏ।

## ଲକ୍ଷ୍ୟ ଓ ଉଦ୍ଦେଶ୍ୟ

ଗ୍ରାମକୁ ଇକୋ ଭିଜେଜ୍‌ରେ ପରିଣତ କରିବା ଦ୍ୱାରା ଗାଁର ପରିବେଶ ସ୍ୱଚ୍ଛ ନିର୍ମଳ ଓ ସୁନ୍ଦର ରହିବା ସହ ଗ୍ରାମବାସୀଙ୍କ ମନରେ ଏକତା ଓ ସମାନତା ଭାବ ସୃଷ୍ଟି ହେବ। ନିକଟରେ ଥିବା ସାତକୋଶିଆ ସ୍ୟାଣ୍ଡ ରିସର୍ଟ ପର୍ଯ୍ୟଟନ କେନ୍ଦ୍ରକୁ ଆସୁଥିବା ପର୍ଯ୍ୟଟକମାନେ ଇକୋ ଭିଲେଜ୍ ଦେଖିବା ପାଇଁ ଗାଁକୁ ଆସି ପ୍ରାକୃତିକ ସୌନ୍ଦର୍ଯ୍ୟର ମଜା ଉଠାଇପାରିବେ। ଆବଶ୍ୟକ ବେଳେ ପର୍ଯ୍ୟଟକମାନେ ଇକୋ ଭିଲେଜ୍‌ରେ ରହିବା ସହ ଦେଶୀୟ ଖାଦ୍ୟ ମଧ ଖାଇପାରିବେ। ଯାହାଫଳରେ କି ଗ୍ରାମବାସୀଙ୍କ ରୋଜଗାର ବୃଦ୍ଧି ଘଟିବ। ଏହାକୁ ପାଇଲଟ ପ୍ରକଳ୍ପ ଭାବେ ଗ୍ରାମବାସୀ ନିର୍ମାଣ କରିଛନ୍ତି। ପରେ ଅଞ୍ଚଳର ୩୬ଟି ଗ୍ରାମକୁ ଇକୋ ଭିଲେଜ୍ ଭାବେ ଗଢ଼ିତୋଳିବା ପାଇଁ ପ୍ରଚେଷ୍ଟା ରହିଛି ବୋଲି ପର୍ଯ୍ୟଟନ କେନ୍ଦ୍ରର ସାଇଡ ମ୍ୟାନେଜର ହରିହର ପ୍ରଧାନ ସୂଚନା ଦେଇଛନ୍ତି। ଏହି ଓଡ଼ିଶାରେ ପ୍ରଥମ ଇକୋ ଭିଲେଜ୍ ହୋଇଥିବାରୁ ଏଠାକୁ ବହୁ ପର୍ଯ୍ୟଟକ ଦେଖିବା ପାଇଁ ଆସୁଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଇଡିସି ସଭାପତି ସୁମନ୍ତ କୁମାର ଦାଶ କୁହନ୍ତି, 'ସାତକୋଶିଆ ସ୍ୟାଣ୍ଡ ରିସର୍ଟ ଆମ ଗ୍ରାମର ପ୍ରତିଟି ପରିବାରକୁ ରୋଜଗାର ଦେଇଛି। ଏଥିସହ ପର୍ଯ୍ୟଟନ କେନ୍ଦ୍ର ଆୟରୁ ଗାଁ କୋଠ ଫଣ୍ଡକୁ ଯାଉଥିବା ୧୦% ଅର୍ଥରେ ଆମେ ଇକୋଭିଲେଜ୍ କରିଛୁ। ସରକାରଙ୍କ ପକ୍ଷରୁ କୌଣସି ସହାୟତା ମିଳିନାହିଁ।' ଇଡିସିର ଆଉ ଜଣେ ସଭ୍ୟା ମଞ୍ଜୁଲତା ବେହେରା କୁହନ୍ତି, ଆମେ ମହିଳାମାନେ ଘରେ ବସିରହୁଥିଲୁ। କୌଣସି ରୋଜଗାର ମିଳୁ ନ ଥିଲା। ପର୍ଯ୍ୟଟନ କେନ୍ଦ୍ର ଯୋଗୁ ଆମ ଗାଁର ମହିଳାମାନେ ଏଠାରେ କାମ କରି ବେଶ୍ ରୋଜଗାର କରି ପରିବାର ପ୍ରତିପୋଷଣ କରିପାରିଛୁ। ପର୍ଯ୍ୟଟନ କେନ୍ଦ୍ରରୁ ଗାଁ ଫଣ୍ଡକୁ ଯାଉଥିବା ୧୦% ଅର୍ଥରେ ଆମେ ଉନ୍ନତି କରିପାରିଛୁ। ସରକାରୀ ସହାୟତାକୁ ନିର୍ଭର ନ କରି ଆମେ ଏହି ଅର୍ଥରୁ ଗାଁର ଉନ୍ନତି କରିପାରିଛୁ।'

ଇକୋ ଭିଲେଜ୍ ପାଇଁ ଗ୍ରାମବାସୀଙ୍କୁ କୌଣସି ସରକାରୀ ସହାୟତା ମିଳିନାହିଁ। ଗ୍ରାମବାସୀ ତଥା ପରିବେଶ ବିକାଶ ସମିତିକୁ ମିଳୁଥିବା ୧୦ ପ୍ରତିଶତ ଅର୍ଥରେ ଗ୍ରାମବାସୀ ନିଜସ୍ୱ ଉଦ୍ୟମରେ ଗାଁକୁ ଆଜି ଓଡ଼ିଶାର ପ୍ରଥମ ଇକୋ ଭିଲେଜ କରି ଗଢିତୋଳିଛନ୍ତି।

**-ରୋଜାଲିନ ମହାନ୍ତି**

ତଥ୍ୟ ଓ ଫଟୋ: **ସନ୍ତୋଷ କୁମାର ପ୍ରଧାନ**









# ଆକର୍ଷଣୀୟ ମାଛ

**ମାଛ ତ ଅନେକ ଦେଖିଛେ, ହେଲେ ଏଠାରେ ଯେଉଁ ମାଛଙ୍କ କଥା କୁହାଯାଉଛି, ସେମାନଙ୍କର ମନ ମୋହିନେଲା ଭଳି ରୂପରଙ୍ଗ ସାଙ୍ଗକୁ ଆଖିଦୃଶିଆ ଶରୀର ଗଢଣ ହିଁ ସେମାନଙ୍କୁ ଗୋଟିଏ ଗୋଟିଏ ଆକର୍ଷଣୀୟ ମାଛର ପରିଚିତି ଦେଇଛି...**



**ପ୍ୟାରୋଟ୍ ଫିଶ୍:** ଏହି ମାଛଗୁଡ଼ିକର ପାଟିର ଆକୃତି ଶୁଆର ଥଣ୍ଟ ଭଳି ସାମାନ୍ୟ ଦେଖାଯାଉଥିବାରୁ ଏମାନଙ୍କୁ ପ୍ୟାରୋଟ୍ ଫିଶ୍ ବୋଲି କୁହାଯାଇଥାଏ। ସୂଚନାନୁଯାୟୀ, ପ୍ରାୟ ୯୦ରୁ ଉର୍ଦ୍ଧ୍ୱ ପ୍ରଜାତିର ପ୍ୟାରୋଟ୍ ଫିଶ୍ ଦେଖାଯାଇଥାନ୍ତି, ଯେଉଁମାନେ କି ବିଶେଷକରି ସାଗର ଓ ଉପସାଗରର ଅଗଭୀର ଅଞ୍ଚଳରେ ରହିବାକୁ ପସନ୍ଦ କରିଥାନ୍ତି। ଏମାନେ ମୁଖ୍ୟତଃ ଗ୍ରୁପ୍ ହୋଇ ରହିବାକୁ ଭଲ ପାଇଥାନ୍ତି। ଗୋଟେ ଗ୍ରୁପ୍‌ରେ ପ୍ରାୟ ୨୦-୨୫ଟି ଫିମେଲ୍ ପ୍ୟାରୋଟ୍ ଫିଶ୍ ଓ ଗୋଟିଏ ମେଲ୍ ପ୍ୟାରୋଟଫିଶ୍ ରହିଥାନ୍ତି। ମେଲ୍ ପ୍ୟାରୋଟ୍‌ଫିଶ୍‌ଟି ସେମାନଙ୍କର ନେତୃତ୍ୱ ନେଇଥାଏ। ଯେତେବେଳେ ଉକ୍ତ ମେଲ୍ ପ୍ୟାରୋଟ୍‌ଫିଶ୍‌ର ମୃତ୍ୟୁ ହୋଇଯାଏ, ସେତେବେଳେ ଗ୍ରୁପ୍‌ରୁ ଗୋଟିଏ ଫିମେଲ୍ ପ୍ୟାରୋଟ୍ ଫିଶ୍ ନିଜକୁ ମେଲ୍ ପ୍ୟାରୋଟ୍‌ଫିଶ୍‌ରେ ପରିବର୍ତ୍ତନ କରି ସେହି ଅନୁଯାୟୀ ସେ ତା' ଦେହର ରଙ୍ଗକୁ ବଦଳାଇଦିଏ।

**ବ୍ଲୁଫେସ୍ ଆଞ୍ଜେଲ୍ ଫିଶ୍:** ଆଞ୍ଜେଲ ଫିଶ୍ ପ୍ରଜାତିର ମାଛଗୁଡ଼ିକ ମଧ୍ୟରୁ ବ୍ଲୁଫେସ୍ ଆଞ୍ଜେଲ୍ ହେଉଛି ଏକ ସୁନ୍ଦର ଓ ରଙ୍ଗିନ ମାଛ। ଖାସ୍‌କରି ଏହି ମାଛଗୁଡ଼ିକର ମୁହଁ ଗାଢ଼ ନୀଳ ରଙ୍ଗର ହୋଇଥିବାରୁ ଏମାନଙ୍କର ଏପରି ନାମକରଣ କରାଯାଇଛି।

**ବଟର୍‌ଫ୍ଲାଏ ଫିଶ୍:** ପ୍ରଜାପତିର ରଙ୍ଗିନ ପର ଭଳି ଏହି ମାଛମାନଙ୍କର ଦେହର ଗଢଣ ହୋଇଥିବାରୁ ଏମାନଙ୍କୁ ବଟର୍‌ଫ୍ଲାଏ ଫିଶ୍ ବୋଲି କୁହାଯାଇଥାଏ। ତା'ସହିତ ଏମାନଙ୍କର ପାଟି ବାହାରକୁ ସାମାନ୍ୟ ଗୋଜିଆ ହୋଇ ବାହାରିଥାଏ, ଯାହା ଦେଖିବାକୁ ଖୁବ୍ ସୁନ୍ଦର ଲାଗିଥାଏ।

**ଲିପ୍‌ଷ୍ଟିକ୍ ଟାଙ୍ଗ୍:** ଅବିକଳ ମଣିଷମାନଙ୍କ ଓଠ ପରି ଏହି ମାଛମାନଙ୍କର ପାଟିର ଆକୃତି ହୋଇଥାଏ, ଆଉ ତାହା ପୁଣି ହଳଦିଆ କିମ୍ବା କମଳା ରଙ୍ଗର। ଯେଉଁଥିପାଇଁ ତାହା ଲିପ୍‌ଷ୍ଟିକ୍ ଲଗାଇଲା ଭଳି ଦେଖାଯାଏ। ସେଥିପାଇଁ ଏମାନଙ୍କୁ ଲିପ୍‌ଷ୍ଟିକ୍ ଟାଙ୍ଗ୍ ବୋଲି କୁହାଯାଇଥାଏ। ଏହି ପ୍ରଜାତିର ମାଛମାନେ ମୁଖ୍ୟତଃ ପ୍ରଶାନ୍ତ ମହାସାଗର ଓ ଭାରତ ମହାସାଗରରେ ଦେଖାଯାଇଥାନ୍ତି।


**ବେଟ୍ଟା ଫିଶ୍:** ଏହି ମାଛମାନେ ଦେଖିବାକୁ ବେଶି ବଡ଼ ହୋଇ ନ ଥାନ୍ତି। ହେଲେ ଏମାନଙ୍କର ଖୋଲା ଖୋଲା ଘଞ୍ଚ ଡେଣା ହିଁ ଏମାନଙ୍କୁ ଆକର୍ଷଣୀୟ ରୂପ ଦେଇଥାଏ। ବିଭିନ୍ନ ରଙ୍ଗରେ ଦେଖାଯାଉଥିବା ଏହି ପ୍ରଜାତିର ମାଛମାନେ କିନ୍ତୁ ନିଜର ଏହି ଆକର୍ଷଣୀୟ ଡେଣା ସାହାଯ୍ୟରେ ଅନ୍ୟ ଛୋଟ ଛୋଟ ଜୀବଙ୍କୁ ନିଜ ଆଡ଼କୁ ଆକର୍ଷିତ କରି ସେମାନଙ୍କୁ ଖାଇଥାନ୍ତି।

**ଡିସ୍କସ୍ ଫିଶ୍:** ଏହି ମାଛମାନଙ୍କର ଶରୀର ମୁଖ୍ୟତଃ ଚେପ୍‌ଟା ଭଳି ଦେଖାଯାଇଥାଏ। କିନ୍ତୁ ଏମାନଙ୍କ ଶରୀର ସାରା ନାଲି/ହଳଦିଆ/ସବୁଜ କିମ୍ବା ନୀଳ ରଙ୍ଗର ଛୋଟ ଛୋଟ ଛିଟ ଦେଖିବାକୁ ମିଳିଥାଏ। ଏମାନେ ଖୁବ୍ ବୁଦ୍ଧିଆ ସ୍ୱଭାବର ହୋଇଥାନ୍ତି, ଯଦ୍ୱାରା ଅନ୍ୟ ପ୍ରଜାତିର ମାଛମାନଙ୍କ ସହ ଏମାନେ ସହଜରେ ମିଶି ଯାଇପାରନ୍ତି। ତା'ଛଡ଼ା ଏମାନେ ସର୍ବଦା ପରିଷ୍କାର ଓ ସ୍ୱଚ୍ଛ ଜଳରେ ରହିବାକୁ ପସନ୍ଦ କରିଥାନ୍ତି।

**କ୍ଲାଉନ୍ ଟ୍ରିଗର୍ ଫିଶ୍:** ମୁଖ୍ୟତଃ ସାଗର ଓ ଉପସାଗରରେ ଦେଖିବାକୁ ମିଳୁଥିବା ଏହି ପ୍ରଜାତିର ମାଛମାନଙ୍କ ଦେହରେ କେତେଗୁଡ଼ାଏ ହାଲ୍‌କା କଳା ଓ ଧଳା ରଙ୍ଗର ପ୍ୟାଚ୍ ଚିହ୍ନ ଥିବା ଦେଖିବାକୁ ମିଳିଥାଏ। ତା'ସହିତ ଏମାନଙ୍କ ପାଟି ହଳଦିଆ ରଙ୍ଗର ହୋଇଥିବାରୁ ଦେଖିବାକୁ ଆକର୍ଷଣୀୟ ଲାଗିଥାଏ।

**ମାଣ୍ଡାରିନ୍ ଫିଶ୍:** କୁହାଯାଏ, ଆକ୍ୱାରିୟମ୍‌ରେ ଯେଉଁ ସବୁ ରଙ୍ଗୀନ ମାଛମାନଙ୍କୁ ରଖାଯାଇ ଘରକୁ ସଜାଯାଇଥାଏ, ତନ୍ମଧ୍ୟରୁ ମାଣ୍ଡାରିନ୍ ଫିଶ୍ ହେଉଛି ଅନ୍ୟତମ। ଆକର୍ଷଣୀୟ ରୂପରଙ୍ଗ ପାଇଁ ଏହାର ଦାମ୍ ବି ଟିକେ ଅଧିକ ଥାଏ।















# କବି ପ୍ରଦୀପ





ଦେଶାତ୍ମବୋଧ ସଙ୍ଗୀତ କଥା ଉଠିଲେ ମନକୁମନ ଯେଉଁ ଗୀତଟି କାନ ପାଖରେ ଗୁଣୁଗୁଣୁ ହେଇଯାଏ, ତାହା ହେଉଛି କୋକିଳକଣ୍ଠୀ ଲତା ମଙ୍ଗେସ୍କର ଗାଇଥିବା 'ଏ ମେରେ ୱତନ୍ କେ ଲୋଗୋଁ'। ଶହୀଦ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ କୃତଜ୍ଞତା ଜଣେଇବା ପାଇଁ ଏ ଗୀତର ବିକଳ୍ପ ଆଉ କିଛି ନାହିଁ। ଏହି ଗୀତର ଗୀତିକାର ହେଉଛନ୍ତି କବି ପ୍ରଦୀପ। ତେବେ କବି ପ୍ରଦୀପଙ୍କ ଅସଲ ନାମ ହେଉଛି ରାମଚନ୍ଦ୍ର ନାରାୟଣଜୀ ଦ୍ୱିବେଦୀ। ଭାରତର ଜଣେ ଦେଶାତ୍ମବୋଧ କବିତାର ରଚୟିତା, କବି ତଥା ଗୀତିକାର ଭାବରେ ସେ ସୁପରିଚିତ। 'ଏ ମେରେ ୱତନ୍ କେ ଲୋଗୋଁ' ଗୀତଟି ତାଙ୍କୁ ରାତାରାତ ବିଖ୍ୟାତ କରିଦେଇଥିଲା। ଚାଇନା-ଭାରତ ଯୁଦ୍ଧରେ ବଳିଦାନ ଦେଇଥିବା ବୀରମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି କବି ପ୍ରଦୀପ ଏହି ଗୀତଟିକୁ ରଚନା କରିଥିଲେ।

**'ବନ୍ଧନ' ଦେଲା ପରିଚୟ:** କବି ପ୍ରଦୀପଙ୍କୁ ଲୋକମାନେ ପ୍ରଥମକରି ଜାଣିଲେ 'ବନ୍ଧନ' ଫିଲ୍ମରୁ। ତେବେ 'କିସ୍ମତ୍' ଫିଲ୍ମରେ ସେ ରଚନା କରିଥିବା ଗୀତଟି ତାଙ୍କୁ ଜଣେ ରାଷ୍ଟ୍ରବାଦୀ କବି ଭାବରେ ମାନ୍ୟତା ଦେଇଥିଲା। ଗୀତଟି ଥିଲା 'ଦୂର ହଟୋ ଏ ଦୁନିଆ ୱାଲୋ'। ଏହି ଫିଲ୍ମଟି ଥିଲା ଗୋଲ୍ଡେନ୍ ଜୁବିଲି ଅତିକ୍ରମ କରିଥିବା ପ୍ରଥମ ଭାରତୀୟ ଫିଲ୍ମ। ଫିଲ୍ମଟି ୧୯୪୩ ମସିହାରେ ରିଲିଜ୍ ହେଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପାଇଁ ସେତେବେଳେ ସମଗ୍ର ବିଶ୍ୱରେ ଭୟର ଘନଘଟା। ପୁଣି ଭାରତୀୟ ସ୍ୱାଧୀନତା ସଂଗ୍ରାମ ତା'ର ଚରମ ସୀମାରେ ପହଞ୍ଚି ଯାଇଥିଲା। ଏଭଳି ଏକ ସମୟରେ କବି ପ୍ରଦୀପ ଅସୀମ ସାହସର ପରିଚୟ ଦେଇ ରଚନା କରିଥିଲେ 'ଦୂର ହଟୋ ଏ ଦୁନିଆୱାଲୋ'। ତେବେ ସମସ୍ୟା ଉପୁଜିଥିଲା ଯେତେବେଳେ ଗୀତଟି ବ୍ରିଟିଶ୍ ସରକାରଙ୍କ କାନକୁ ଯାଇଥିଲା। ସେଥିଲାଗି ଗିରଫ ହେବା ଭୟରେ କବି ପ୍ରଦୀପଙ୍କୁ କିଛିଦିନ ପାଇଁ ଅଣ୍ଡରଗ୍ରାଉଣ୍ଡ ହୋଇଯିବାକୁ ପଡ଼ିଥିଲା। ଅବଶ୍ୟ ବ୍ରିଟିଶ୍ ସରକାର ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ। ପାଞ୍ଚ ଦଶନ୍ଧିର କ୍ୟାରିୟର ମଧ୍ୟରେ କବି ପ୍ରଦୀପ ୭୨ଟି ଫିଲ୍ମ ପାଇଁ ପ୍ରାୟ ୧୭ଶହ ଗୀତ ରଚନା କରିଥିଲେ। ସେଥିମଧ୍ୟରୁ ଚଲ୍ ଚଲ୍‌ରେ ନୌଯବାନ, ଆଓ ବଚ୍ଚୋ ତୁହ୍ମେ ଦିଖାଏଁ, 'ଦେ ଦି ହମେ ଆଜାଦି ବିନା ଖଡ୍ଗ ବିନା ଢ଼ାଲ' ଆଦି ଗୋଟିଏ ଗୋଟିଏ ମାଇଲଖୁଣ୍ଟ।





**ପ୍ରାଥମିକ ଜୀବନ:** ୧୯୧୫ ମସିହାରେ ଉଜ୍ଜୟିନୀ ନିକଟ ବଡନାଗର ନାମକ ଏକ ସ୍ଥାନରେ ଗୋଟିଏ ମଧ୍ୟବିତ୍ତ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ କବି ପ୍ରଦୀପ। ତାଙ୍କର ପିତୃଦତ୍ତ ନାମ ଥିଲା ରାମଚନ୍ଦ୍ର ନାରାୟଣଜୀ ଦ୍ୱିବେଦୀ। ସେ ପଢ଼ିବା ପ୍ରତି ବେଶ୍ ଆଗ୍ରହୀ ଥିଲେ। ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟରେ ପଢ଼ିବା ବେଳେ ସେ ବିଶେଷ ଭାବରେ କବିତା ପ୍ରତି ଆକୃଷ୍ଟ ହୋଇଥିଲେ। ପିଲାଟି ବେଳୁ ଲେଖିବା ପ୍ରତି ଯେଉଁ ଆଗ୍ରହ ଥିଲା, ତାହା ବଡ଼ ହୋଇ ଆହୁରି ବଢ଼ି ଯାଇଥିଲା। ସେ କବିତା ଲେଖା ଆରମ୍ଭ କଲେ ଆଉ କବିତାଗୁଡ଼ିକ ଏଭଳି ମର୍ମସ୍ପର୍ଶୀ ଥିଲା ଯେ, ତାହା ଲୋକମାନଙ୍କୁ ଆତ୍ମବିସ୍ମୃତ କରିଦେଉଥିଲା। ତେବେ ମଜାର କଥା, ସେ ନିଜ ନାମରେ କବିତା ସବୁ ଲେଖୁ ନ ଥିଲେ। ତା' ପରିବର୍ତ୍ତେ ଛଦ୍ମନାମ ବ୍ୟବହାର କରିଥିଲେ। ଛଦ୍ମନାମଟି ଥିଲା 'ପ୍ରଦୀପ'। ତେବେ ସେତେବେଳେ ସେ ଜାଣି ନ ଥିଲେ, ସାମୟିକ ଭାବରେ ନିଜର ମୂଳ ନାମଟିକୁ ଲୁଚାଇବା ପାଇଁ ସେ ଯେଉଁ ନାମଟିକୁ ବ୍ୟବହାର କରୁଛନ୍ତି, ତାହା ଏପରି ଭାବରେ ପ୍ରସିଦ୍ଧ ହୋଇଯିବ ଯେ, ସେଥିରେ ତାଙ୍କର ମୂଳ ନାମଟି ସମ୍ପୂର୍ଣ୍ଣ ଭାବରେ ଲୁଚିଯିବ। ବାସ୍ତବରେ ଆଜି ତାହା ହିଁ ହୋଇଛି। ରାମଚନ୍ଦ୍ର ନାରାୟଣଜୀ କହିଲେ ହୁଏତ କୌଣସି ଲୋକ ବୁଝି ନ ପାରନ୍ତି, ମାତ୍ର କାହାରିକୁ କବି ପ୍ରଦୀପଙ୍କର ପରିଚୟ ଦେବାକୁ ପଡ଼ିବ ନାହିଁ।

**ଏ ମେରେ ୱତନ୍ କେ ଲୋଗୋଁ:** ଏକ ସର୍ବାଧିକ ଲୋକପ୍ରିୟ ରାଷ୍ଟ୍ରଭକ୍ତି ଗୀତ ହେଉଛି 'ଏ ମେରେ ୱତନ୍ କେ ଲୋଗୋଁ'। ତେବେ ଏହି ଗୀତ ପଛରେ ରହିଥିବା ଗୋଟିଏ କାହାଣୀ ହେଉଛି ଏହିଭଳି। ୧୯୬୨ରେ ଲାଗିଥିଲା ଭାରତ ଓ ଚାଇନା ଯୁଦ୍ଧ। ଏଥିରେ ବୀର ମେଜର ସଇତାନ ସିଂହ ଭଟ୍ଟି ଅତି ବୀରତ୍ୱର ସହିତ ଲଢ଼େଇ କରିଥିଲେ। ତାଙ୍କର ସାହସିକତା ତଥା ବଳିଦାନ କବି ପ୍ରଦୀପଙ୍କ ଅନ୍ତରାତ୍ମାକୁ ଛୁଇଁ ଯାଇଥିଲା, ଏବଂ ସ୍ୱତଃସ୍ଫୂର୍ତ୍ତ ଭାବରେ ସେ 'ଏ ମେରେ ୱତନ୍ କେ ଲୋଗୋଁ' ଗୀତଟିକୁ ଲେଖି ପକେଇଥିଲେ। ଗୀତଟିକୁ ସ୍ୱର କରିଥିଲେ କମ୍ପୋଜର ସି. ରାମଚନ୍ଦ୍ର। ତେବେ ସେତେବେଳେ ଲତା ମଙ୍ଗେସ୍କର ଓ ସି. ରାମଚନ୍ଦ୍ରଙ୍କ ମଧ୍ୟରେ କୌଣସି କାରଣରୁ ମତାନ୍ତର ଲାଗି ରହିଥିଲା। ତେଣୁ ସି. ରାମଚନ୍ଦ୍ର ଗୀତଟିକୁ ମୁଖ୍ୟତଃ ଆଶା ଭୋଁସ୍‌ଲେଙ୍କୁ ଆଖି ଆଗରେ ରଖି ସ୍ୱରରେ ସଜାଇଥିଲେ। ମାତ୍ର କବି ପ୍ରଦୀପ ଜିଦ୍ ଧରିଲେ ଯେ, ଏ ଗୀତଟି ଲତାଙ୍କ କଣ୍ଠରେ ହିଁ ରେକର୍ଡ଼ ହେବ। ତାଙ୍କର ସିକ୍ସଥ ସେନ୍ସ ଏକଥା କହୁଥିଲା ଯେ, ଗୀତଟି ଯେଉଁଥିପାଇଁ ରଚିତ ହୋଇଛି, ତାହାକୁ କେବଳ ଲତା ମଙ୍ଗେସ୍କରଙ୍କ କଣ୍ଠ ହିଁ ଯଥୋଚିତ ନ୍ୟାୟ ଦେଇପାରିବ। ଏଥିରେ ସି. ରାମଚନ୍ଦ୍ରଙ୍କର କିଛି କରିବାର ନ ଥିଲା। ତେବେ ସେ ରୋକ୍‌ଠୋକ୍ ମନା କରିଦେଲେ ଯେ, ସେ ଲତାଙ୍କୁ ଆପ୍ରୋଚ କରିବେ ନାହିଁ। ଯଦି ଲତାଙ୍କୁ କେହି ଗୀତ ଗାଇବାକୁ ଡାକି ଆଣିପାରେ, ତା'ହେଲେ ତାଙ୍କୁ ଗୀତ ଶିଖେଇବାରେ ତାଙ୍କର କୌଣସି ଆପତ୍ତି ନାହିଁ। ଲତାଙ୍କୁ ବୁଝେଇବାର ଦାୟିତ୍ୱ ନେଲେ କବି ପ୍ରଦୀପ। ତେବେ ଲତା କହିଲେ, ସେ ଆଗ ଗୀତ ଶୁଣିବେ। ଯଦି ତାଙ୍କୁ ଭଲ ଲାଗିବ ତା'ହେଲେ ସେ ରିହର୍ସାଲ କରିବାକୁ ଯିବେ। ନ ହେଲେ ନାହିଁ। ପ୍ରଦୀପ ଲତାଙ୍କୁ ନେଇ ଗୀତର ରେକର୍ଡିଂ ଶୁଣେଇଲେ। ଗୀତଟିକୁ ଶେଷ ପର୍ଯ୍ୟନ୍ତ ଶୁଣିବା ପାଇଁ ଲତାଙ୍କର ଧୈର୍ଯ୍ୟ ରହିଲା ନାହିଁ। ସେ ଏଭଳି ଭାବରେ ମନ୍ତ୍ରମୁଗ୍ଧ ହୋଇଗଲେ ଯେ, ଗୀତ ଗାଇବାକୁ ପ୍ରତିଶ୍ରୁତି ଦେଲେ। ତେବେ ସର୍ତ୍ତ ରଖିଲେ, ଗୀତର ଫାଇନାଲ ରେକର୍ଡିଂ ସରିବା ପର୍ଯ୍ୟନ୍ତ ଯେତେଦିନ ରିହର୍ସାଲ ହେବ, ସବୁ ରିହର୍ସାଲରେ କବି ପ୍ରଦୀପ ଉପସ୍ଥିତ ରହିବେ। ନ ହେଲେ ସେ ରିହର୍ସାଲରୁ ଓହରି ଆସିବେ। ତାହା ହିଁ ହୋଇଥିଲା। ଏହି ଗୀତ ପାଇଁ କବି ପ୍ରଦୀପଙ୍କୁ ଭାରତ ସରକାରଙ୍କ ପକ୍ଷରୁ 'ରାଷ୍ଟ୍ରୀୟ କବି' ସମ୍ମାନ ପ୍ରଦାନ କରାଯାଇଥିଲା। ୧୯୯୮ ଡିସେମ୍ବର ୧୧ ତାରିଖରେ ଏହି ମହାନ୍ ବ୍ୟକ୍ତିତ୍ୱଙ୍କର ଦେହାନ୍ତ ଘଟିଥିଲା।





# ସତସପନ



**– ଲୀନା ଦାଶ**

ସକାଳୁ ବିଛଣାରୁ ଉଠି ରାନୁ ଭିଡ଼ି ମୋଡ଼ି ହେଲା । ଆଜି ତା'ର ଦେହମୁଣ୍ଡ ଭୀଷଣ ବିନ୍ଧୁଛି । ରାତିରେ ବି ଠିକ୍‌ରେ ଶୋଇପାରିନି । ରାତିସାରା ଖାଲି ଦୁଃସ୍ୱପ୍ନ । ବାରମ୍ବାର ନିଦ ବି ଭାଙ୍ଗୁଥାଏ । ସବୁଗୁଡ଼ା ତ ମନେପଡୁନି, ନିଦ ଭାଙ୍ଗିବା ପୂର୍ବରୁ ଯେଉଁ ସ୍ୱପ୍ନଟି ଦେଖିଛି ସେଇଟା ମନେଅଛି । ପାହାନ୍ତା ସପନ ସେଥିପାଇଁ ସତ ଲାଗୁଛି ।

ଏବେ ବି ତା'ର ମନେପଡୁଛି ତାକୁ ଯେମିତି କିଏ କହିଲା ଆଜିଠୁ ଠିକ୍ ପନ୍ଦରଦିନ ପରେ ତା'ର ମୃତ୍ୟୁ ହେବ । ଆଉ ସେଇଟା ଶୁଣି ସେ ଭୟ ପାଇଯାଇଛି । ନିଦ ଭାଙ୍ଗିଲା ପରେ ବି ତା'ର ଭୟ ଯାଇନି । ତାକୁ ଲାଗୁଛି ଯେମିତି ସେ ସତରେ ଆଉ ବଞ୍ଚିବନି । ସ୍ୱାମୀ ସମୀରଙ୍କ ପାଖକୁ ଯାଇ ସବୁକଥା କହିଲା । ସେ ହସି ଦେଇ କହିଲେ, ସାରା ଦିନ ଘରେ ଏକା ଏକା ବସି ଆଡୁସାଡୁ ଭାବୁଛ । ସେଥିପାଇଁ ଏମିତି ସ୍ୱପ୍ନସବୁ ଦେଖୁଛ । ଆରେ ସ୍ୱପ୍ନରେ ଯଦି ଭବିଷ୍ୟତ ଦେଖି ହୁଅନ୍ତା ତା' ହେଲେ କେତେ ଅଘଟଣ ଟାଳି ହୁଅନ୍ତା ।

କିଛିଦିନ ପରେ ରାନୁ ସ୍ୱପ୍ନ କଥା ପୂରା ଭୁଲିଗଲା । ଆଉ ନିଜର ଦୈନନ୍ଦିନ କାମରେ ବ୍ୟସ୍ତ ରହିଲା । ମଝିରେ କେବେ କେମିତି ମନେପଡ଼ିଗଲେ ଭାବେ ସମୀର ଠିକ୍ କହୁଥିଲେ । ଏସବୁ ତା'ର ଟିଭି ଦେଖିବାର ଫଳ । ଟିଭିରେ ସବୁ ଆଡୁସାଡୁ ସିରିଏଲ ଦେଖୁଛି । ଯେଉଁଥିରେ ଭୂତପ୍ରେତ, ଅନ୍ଧବିଶ୍ୱାସ ଭରି ରହିଛି । ସେସବୁ ଦେଖି ବୋଧେ ତାକୁ ଏମିତି ସ୍ୱପ୍ନ ହେଲା ।

ଏମିତି ସୁଖଦୁଃଖ ଭିତରେ ପନ୍ଦରଦିନ କଟିଗଲା । ସେଦିନ ରାତିରେ ଶୋଇବାବେଳେ ମନେ ମନେ ରାନୁ ଆଶ୍ୱସ୍ତ ହେଲା । ଯାହାହେଉ ବିପଦଟା ବୋଧେ ଟଳିଗଲା । କୌଣସି ଅଘଟଣ ଘଟିଲାନି । ଏଥର ତା'ମନ ଭିତରେ ଯେଉଁ ମୃତ୍ୟୁର ଭୟ ଥିଲା ତା' ବି ଆଉ ରହିବନି । ସେଥିପାଇଁ କୌଣସି କାମ କରିପାରୁ ନ ଥିଲି । ଡରିଡରି ଦିନଗୁଡ଼ିକ କଟୁଥିଲା । ପାଦ ଟେକିଲା ମାତ୍ରେ ଭୟ ଲାଗୁଥିଲା କାଳେ କିଛି ଦୁର୍ଘଟଣା ଘଟିଯିବ ବୋଲି । ଘରେ କେହି ନ ଥିଲେ ସେ କୌଣସି କାମରେ ହାତ ଦେଉ ନ ଥିଲା । କେବଳ ବିଛଣାରେ ପଡ଼ିରହୁଥିଲା ।

ସବୁଦିନ ଶୋଇବା ପୂର୍ବରୁ ଭଗବାନଙ୍କୁ ପ୍ରାର୍ଥନା କରିବାର ଅଭ୍ୟାସଟା ପ୍ରାୟ କୋଡ଼ିଏ ବର୍ଷର । ସେଦିନ ବି ସେଇଆ କଲା । ଆସନ୍ତାକାଲି ତା'ପାଇଁ ଗୋଟିଏ ନୂଆ ସକାଳ ହେବ । ଏମିତି ଭାବିଭାବି କେତେବେଳେ ଶୋଇ ପଡ଼ିଛି, ତାକୁ ଜଣାନାହିଁ । ସକାଳୁ ଚଟ୍ କରି ନିଦ ଭାଙ୍ଗିଗଲା । ଘଣ୍ଟାଏ ଭିତରେ ତାକୁ ସବୁକାମ ସାରି ଝିଅକୁ ସ୍କୁଲକୁ ପଠେଇବାକୁ ହେବ । ଧଡ଼ପଡ଼ ହୋଇ ଉଠିଲା । ରାତିରେ ଭଲରେ ଶୋଇଛି ବୋଲି ଆଜି ତା' ଦେହମୁଣ୍ଡ ବହୁତ ହାଲୁକା ଲାଗୁଛି ।

ଉଠିକି ଯିବା ସମୟରେ ଟିକିଏ ବୁଲି ଦେଖିଲା ସମୀର ଓ ଝିଅ କେତେ ଶାନ୍ତିରେ ଶୋଇଛନ୍ତି । ହେଲେ ଦେଖିଲା ତା' ଶୋଇବା ଜାଗାରେ ଆଉ ଜଣେ କେହି ଶୋଇଛି । ଅବିକଳ ତା'ପରି ଦିଶୁଛି । ତା' ହେଲେ କ'ଣ ନିଦ ଠିକ୍‌ରେ ଭାଙ୍ଗିନି ନା ପୁଣି ସ୍ୱପ୍ନ ଦେଖୁଛି । ସମୀରଙ୍କୁ ଉଠେଇବା ପାଇଁ ହଲେଇଲା । ସେତ କାଇଁ ଉଠୁନାହାନ୍ତି । ତାକୁ ଏମିତି ଲାଗିଲା ଯେମିତି ତା' ହାତ ସମୀରଙ୍କୁ ଛୁଉଁନି । କ'ଣ କରିବ ସେ କିଛି ବୁଝି ପାରିଲାନି । ତା' ଦେହ ତୁଳାପରି ହାଲୁକା ହୋଇ ଉପରକୁ ଉପରକୁ ଉଠିଚାଲିଛି । ଉପରେ ଭାସୁଥିବା ଅବସ୍ଥାରେ ଦେଖିଲା ତଳେ ତା' ଶରୀର ଦାଣ୍ଡ ଘରେ ରଖାହୋଇଛି । ଆଉ ତା' ଚାରିପଟେ ତା'ର ନିଜ ଲୋକମାନେ ଘେରି ବସିଛନ୍ତି ଓ କାନ୍ଦୁଛନ୍ତି । ସତରେ ସେ କ'ଣ ମରିଯାଇଛି ! ପାହାନ୍ତା ସପନଟି ତା'ହେଲେ ସତ ହୋଇଗଲା !!!

*–ମହାନ୍ତିପଡ଼ା, ବରଗଡ଼*



# ଯଦି କେବେ

**–ନିଶିକାନ୍ତ କହଲସିଂହ**

ଯଦି କେବେ,
କର୍ମମୟ ଜୀବନର
ବ୍ୟସ୍ତତା ଭିତରେ
ତୁମ କଥା ମନେ ପଡ଼ିଯାଏ....
ନିଦାଘର ମଧ୍ୟାହ୍ନରେ ମଉସୁମୀ ବହେ,
ପତ୍ରଝଡ଼ା ଋତୁରେ ବି-
ସାତରଙ୍ଗ ଝରିପଡ଼େ ଅନନ୍ତ ଆକାଶୁ
ଫୁଲ ଫୁଟେ...ବାସ୍ନା ଛୁଟେ...
ଦେହ-ମନ ପୁଲକିତ ହୁଏ...,
ସେ ସ୍ମୃତିରେ ତୁମ ପାଇଁ
ଆଖିକୋଣୁ ଅଶ୍ରୁ ହୋଇ
ଦୁଇଧାର ସ୍ୱପ୍ନ ଝରିଯାଏ ।

*– ଲୋକିପୁର,*
*ଗଡ଼ମାଣତୀର, ଖୋର୍ଦ୍ଧା,*

# ଅବସୋସ

**–ସିଦ୍ଧେଶ୍ୱରତ୍ରିପାଠୀ**

ବୁଝିଲା ଭଳି ବୟସ
ତା'ର ହେଇ ସାରିଥିଲା
ସେ କେବେ କେବେ
ସବୁ ବୁଝି ପାରୁଥିଲା ।

ନ ବୁଝିବାର ଅଭିନୟ
ଥିଲା ଭାରି ଯନ୍ତ୍ରଣା ଦାୟକ
ରାତି ପାହିଗଲା
ସ୍ୱପ୍ନ କିନ୍ତୁ ଏବେ ବି ଜୀବିତ ।

*–ଖୋର୍ଦ୍ଧା*

# ସୁଜୟଙ୍କ ପ୍ରଶଂସାରେ ସୋନମ

ସୋନମ କପୁରଙ୍କ ମୁହଁରେ ଏବେ ସୁଜୟ ଘୋଷଙ୍କ ପ୍ରଶଂସା ଶୁଣିବାକୁ ମିଳୁଛି। କାରଣ ସୁଜୟଙ୍କ ଆଗାମୀ ରିମେକ୍ ଫିଲ୍ମରେ ସେ ଅଭିନୟ କରିବାକୁ ଯାଉଛନ୍ତି। ଯେତେବେଳେ ଏହି ଅଫର ତାଙ୍କୁ ଦିଆଗଲା ସେତେବେଳେ ସେ ଆଗପଛ ବିଚାର ନ କରି ହଁ ଭରିଥିଲେ। ଆଉ ଏବେ ଯୁଆଡ଼େ ଗଲେ ନିର୍ଦ୍ଦେଶକ ସୁଜୟଙ୍କୁ ପ୍ରଶଂସାରେ ପୋତି ପକାଉଛନ୍ତି। 'ସୁଜୟଙ୍କ ପରି ନିର୍ଦ୍ଦେଶକଙ୍କ ସହ କାମ କରିବା ଛୋଟିଆ କଥା ନୁହେଁ। ଥରେ ତାଙ୍କ ସହ ମୋର ଭେଟ ହୋଇଥିଲା। ସେହି ସମୟରେ ସେ ମୋତେ ଆକ୍ଟିଂ ବିଷୟରେ ଅନେକ କଥା କହିଥିଲେ ଯାହା ମୋ ପାଇଁ ଉପାଦେୟ ସାବ୍ୟସ୍ତ ହୋଇଛି। ତାଙ୍କର ଏହି ଫିଲ୍ମଟି ମୋ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ ହେବ ବୋଲି ଆଶା ରଖିଛି ବୋଲି କହନ୍ତି ସୋନମ। ୨୦୧୧ରେ କୋରିଆ ଭାଷାରେ ନିର୍ମିତ ଚଳଚ୍ଚିତ୍ର 'ବ୍ଲାଇଣ୍ଡ'ର ରିମେକ କରୁଛନ୍ତି ସୁଜୟ। ସୁଜୟଙ୍କ ସହ ଷ୍ଟୁଡିଓ ୧୮ ଏହାର ପ୍ରଯୋଜନା ଭାର ତୁଲାଉଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେବେ ସୋମେ ମାଝିକା।


ଖୁସି

## ଆଉ ଜଣେ ନବାଗତା

ଗତ କିଛିବର୍ଷ ଧରି ଓଡ଼ିଆ ସିନେମାରେ ନବାଗତ କଳାକାରଙ୍କ ସଂଖ୍ୟା ବଢ଼ି ଚାଲିଛି। ନିଜ ସ୍ୱପ୍ନକୁ ସାକାର କରିବା ପାଇଁ ସେମାନେ ଅଭିନୟକୁ କ୍ୟାରିୟର ଭାବରେ ଗ୍ରହଣ କରିଛନ୍ତି। ସଫଳତା ହେଉ ଅବା ବିଫଳତା-ଏ ଦୁଇଟି ଅଲଗା କଥା। ହେଲେ ନବାଗତଙ୍କ ଆଗ୍ରହ ଏବଂ ସେମାନଙ୍କୁ ବ୍ରେକ୍ ଦେଇ ରିସ୍କ ଉଠାଇବାକୁ ପଛାଉ ନାହାନ୍ତି ପ୍ରଯୋଜକମାନେ। ନିକଟରେ ଏହି ତାଲିକାରେ ନିଜ ନାମକୁ ସାମିଲ କରିଛନ୍ତି ଆଉ ଜଣେ ନବାଗତା। ସେ ହେଲେ ଖୁସି। ହୋମ ବ୍ୟାନର ଖୁସି ଏଣ୍ଟରଟେନମେଣ୍ଟରେ ନିର୍ମିତ ହେବାକୁ ଯାଉଥିବା ନୂଆ ସିନେମା 'ହିରୋ ନମ୍ବର ଜିରୋ'ର ନାୟିକା ଭାବରେ ତାଙ୍କୁ ସୁଯୋଗ ଦେଇଛନ୍ତି ନିର୍ଦ୍ଦେଶକ ନିରଞ୍ଜନ ବେହେରା। ଏଥିରେ ତାଙ୍କ ଅପୋଜିଟ୍‌ରେ ମେଲ୍ ଲିଡ୍‌ରେ ଅବତୀର୍ଣ୍ଣ ହେଉଛନ୍ତି ଓଲିଉଡ୍‌ର ଅନ୍ୟତମ ଆଗଧାଡିର ଅଭିନେତା ଜ୍ୟୋତି ନାୟକ। ଏ ସମ୍ପର୍କରେ ନିର୍ଦ୍ଦେଶକ କହନ୍ତି, 'କାହାଣୀ ଅନୁସାରେ ଜ୍ୟୋତି ଡବଲ ରୋଲ୍‌ରେ ଅଭିନୟ କରିବେ। ତାଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିବେ ଖୁସି। ଜଣେ ନୂଆ ନାୟିକାଙ୍କୁ ନେଇ ସିନେମା କରିବା ରିସ୍କ। ମୋ ନିର୍ଦ୍ଦେଶିତ ସିନେମା 'ଯୋଗୀ'ରେ ନିକିତାଙ୍କୁ ନାୟିକା ଭାବରେ ବ୍ରେକ୍ ଦେଇଥିଲି। ତେବେ ନୂଆ ସିନେମା 'ହିରୋ ନମ୍ବର ଜିରୋ'ର କାହାଣୀ ଭିନ୍ନ ଏବଂ ଏହା ବିଶେଷ ଭାବରେ ଯୁବପିଢ଼ିଙ୍କୁ ପ୍ରଭାବିତ କରିବ ବୋଲି ଆଶା ରହିଛି। ଏହି ଫିଲ୍ମର ପ୍ରଯୋଜନା କରୁଛନ୍ତି ସ୍ମୃତି ରଞ୍ଜନ ବିଶ୍ୱାଳ। ଗୀତଗୁଡିକୁ ସ୍ୱର ଦେଇଛନ୍ତି ମଳୟ ମିଶ୍ର। ଜ୍ୟୋତି-ଖୁସିଙ୍କ ବ୍ୟତୀତ ଉକ୍ତ ସିନେମାର କାଷ୍ଟିଂରେ ପ୍ରଦ୍ୟୁମ୍ନ ଲେଙ୍କା, ବବି ମିଶ୍ର, ଶ୍ରୀତମ ଦାସ, ବିଜୁ ବଡ଼ଜେନା, ପୃଥ୍ୱୀରାଜ ନାୟକ, ପ୍ରତିଭା ପଣ୍ଡା ପ୍ରମୁଖ କଳାକାର ରହିଛନ୍ତି। ତେବେ ଖୁସିଙ୍କ ପ୍ରଥମ ସିନେମା ତାଙ୍କ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା।

## କ'ଣ କରୁଛନ୍ତି ଇଲିଆନା

ଇଲିଆନା ଡି' କ୍ରୁଜ ଏବେ କ'ଣ କରୁଛନ୍ତି ? ଯେହେତୁ ଏବେ ହାତରେ ସିନେମା ନାହିଁ ତେଣୁ ସେ ଗୋଟିଏ କାମରେ ନିଜକୁ ବ୍ୟସ୍ତ ରଖିଛନ୍ତି। ସେ ବର୍ତ୍ତମାନ ମାଇଣ୍ଡ ଫ୍ରେଶ କରିବାକୁ ଫରେନ୍ ଟୁର୍‌ରେ ଅଛନ୍ତି। ଅର୍ଥାତ୍, ପାଖାପାଖି ତିନି ସପ୍ତାହ ପର୍ଯ୍ୟନ୍ତ ସେ ବିଦେଶର ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲିବେ। ଏ ସମ୍ପର୍କରେ ଇଲିଆନା କହନ୍ତି, 'ଏବେ ମୋତେ ଟିକେ ଶୁଟିଂରୁ ଫୁରସତ ମିଳିଛି। ତେଣୁ ସେହି ସମୟରେ ମୁଁ ବିଭିନ୍ନ ଟୁରିଷ୍ଟ ସ୍ପଟ୍ ବୁଲିବାକୁ ସ୍ଥିର କରିଛି। ଏହି ସମୟ ଭିତରେ ମୁଁ ସେପରି ଜାଗା ବୁଲିବା ସହ ସେହି ସ୍ଥାନର ଇତିହାସ ବିଷୟରେ ଜାଣିବି। କାରଣ ଦର୍ଶନୀୟ ସ୍ଥାନ ବିଷୟରେ ଜ୍ଞାନ ଆହରଣ କରିବା ମୋର ଷ୍ଟୁଡେଣ୍ଟ କ୍ୟାରିୟରରୁ ଏକ ଅଭ୍ୟାସରେ ପରିଣତ ହୋଇଯାଇଛି। ବାକି ରହିଲା କ୍ୟାରିୟର କଥା। ବଲିଉଡ୍‌ରେ ମୋ କ୍ୟାରିୟରକୁ ନେଇ ମୁଁ ବେଶ୍ ସଚେତନ। ତେଣୁ କୌଣସି ସିନେମା ସାଇନ୍ କରିବା ପୂର୍ବରୁ ଶହେ ଥର ଚିନ୍ତା କରବି।'


ଇଲିଆନା


ସୋନମ୍

# ସାରାଙ୍କ ଟେନସନ

ସୈଫ ତନୟା ସାରା ଅଲ୍ଲୀ ଖାଁ କ'ଣ କରିବେ ଜାଣିପାରୁନାହାନ୍ତି। କାରଣ ପ୍ରେମ ତାଙ୍କ ପାଇଁ ଟେନସନ ସାଜିଛି। ଯୁଆଡ଼େ ଗଲେ ସେହି ଗୋଟିଏ ପ୍ରଶ୍ନ। କାର୍ତ୍ତିକ ଆର୍ଯ୍ୟନଙ୍କ ସହ ସମ୍ପର୍କକୁ ନେଇ ସେ ଏବେ ଚର୍ଚ୍ଚାରେ। ତେବେ ଏହି ଘଟଣାକୁ ନେଇ ଆଲୋଚନା ଜୋର୍ ଧରିବା ପରେ ଏବେ ଦୁହିଁଙ୍କୁ ପ୍ରାୟ ଆଉ ଏକାଠି ଦେଖିବାକୁ ମିଳୁନାହିଁ। ଏ ସମ୍ପର୍କରେ ସଫେଇ ଦେଇ ସାରା କହନ୍ତି, 'ଆମ ଦୁହିଁଙ୍କ ସମ୍ପର୍କକୁ ନେଇ ଅଯଥାରେ ଆଲୋଚନା ହେଉଛି। ଏପରି କି ଏ ନେଇ ମୁଁ କେତେ ସଫେଇ ଦେବି ଜାଣିପାରୁନାହିଁ। ଆମେ ଦୁଇ ଜଣ ଭଲ ବନ୍ଧୁ। ଏବେ ଆମେ ଦୁହେଁ ନିଜ କ୍ୟାରିୟର ପ୍ରତି ଅଧିକ ଧ୍ୟାନ ଦେଉଛୁ। କାର୍ତ୍ତିକ ଏବଂ ମୁଁ ବର୍ତ୍ତମାନ ଇମ୍‌ତିୟାଜ ଅଲିଙ୍କ ଆଗାମୀ ଫିଲ୍ମରେ ଆକ୍ଟିଂ କରିବାକୁ ଯାଉଛୁ। ମୋ କ୍ୟାରିୟର କିପରି ସୁରୁଖୁରୁରେ ଆଗେଇ ଚାଲିବ ସେ ନେଇ ମୋ ମମି (ଅମ୍ରିତା ସିଂ) ବେଶ୍ ସଚେତନ। ସେ ମୋତେ ଯେଉଁ ଟିପ୍ସ ଦିଅନ୍ତି ତାହାକୁ ମୁଁ ମାନି ଆଗେଇ ଚାଲିଛି।' ତେବେ ନିଜର ପ୍ରେମସମ୍ପର୍କକୁ ସାରା କେବେ ସ୍ୱୀକାର କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।


ସାରା

## ନଟରାଜ ପୋଜ୍

କ୍ରିକେଟ ପାଇଁ ରଣବୀର ସିଂ କେତେ ପାଗଳ ତାହା କହିବା ବାହୁଲ୍ୟ। କାରଣ ଗତ ବିଶ୍ୱକପ୍‌ରେ ତାଙ୍କୁ ଅତିଥି ଭାଷ୍ୟକାର ଭାବରେ ଦେଖିବାକୁ ମିଳିଥିଲା। କମେଡି ଡାଏଲଗ୍ ଭରା ତାଙ୍କର ଲାଇଭ୍ କମେଣ୍ଟ୍ରିକୁ ନେଇ ସେତେବେଳେ ବେଶ୍ ପ୍ରଶଂସା ମିଳିଥିଲା। ଏବେ ମଧ୍ୟ ସେ କ୍ରିକେଟ ପାଇଁ ଚର୍ଚ୍ଚାରେ ଅଛନ୍ତି। କାରଣ ଲୋକପ୍ରିୟ ଭାରତୀୟ କ୍ରିକେଟ ଖେଳାଳି ତଥା ପ୍ରଥମ ଥର ପାଇଁ ଭାରତକୁ ବିଶ୍ୱକପ ବିଜୟ ସ୍ୱାଦ ଚଖାଇଥିବା କପିଳ ଦେବଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ହେଉଛି ହିନ୍ଦୀ ସିନେମା '୮୩'। କାରଣ ୧୯୮୩ ବିଶ୍ୱକପ କ୍ରିକେଟରେ ସେ ଭାରତୀୟ ଦଳର ଅଧିନାୟକ ପଦ ତୁଲାଇଥିଲେ। ତେବେ ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ରଣବୀର ସିଂ। ନିକଟରେ ଏହି ଫିଲ୍ମରେ ଦୃଶ୍ୟାୟିତ ହେବାକୁ ଥିବା ନଟରାଜ ପୋଜ୍ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଛି। ସୂଚନାଯୋଗ୍ୟ ସେହି ସମୟରେ କପିଳ ଦେବଙ୍କର ଏହି ଶଟ୍ ବେଶ୍ ପ୍ରଶଂସିତ ହୋଇଥିଲା। ଏ ସମ୍ପର୍କରେ ରଣବୀର କହନ୍ତି, 'ମୋର ସୌଭାଗ୍ୟ ଯେ କପିଳଙ୍କ ପରି ମହାନ କ୍ରିକେଟ ଖେଳାଳିଙ୍କ ବାୟୋପିକ୍‌ରେ ମୁଁ ଅଭିନୟ କରୁଛି। ତାଙ୍କର ଏହି ନଟରାଜ ଶଟ୍ ଶୁଟିଂ ସମୟରେ ମୋତେ ବେଶ୍ ପରିଶ୍ରମ କରିବାକୁ ପଡିଥିଲା। କାରଣ ନିର୍ଦ୍ଦେଶକ କବୀର ଖାଁ ଚାହୁଁଥିଲେ ଯେ ଶଟ୍‌ଟି ଯେତେ ନାଚୁରାଲ ହେବ ତାହା ଦର୍ଶକଙ୍କୁ ସେତେ ପ୍ରଭାବିତ କରିବ। ତେଣୁ ମୁଁ ହୋଟେଲ୍‌ରେ ଏହି ଶଟ୍‌କୁ ଅନେକ ସମୟ ଧରି ପ୍ରାକ୍ଟିସ କରିଥିଲି।' ଏହି ଫିଲ୍ମରେ ରଣବୀରଙ୍କ ଅପୋଜିଟ୍‌ରେ ଅଛନ୍ତି ତାଙ୍କ ସ୍ତ୍ରୀ ଦୀପିକା ପାଦୁକୋନ୍।


ରଣବୀର

ପ୍ରଥମ ରୋଜଗାର

# ଦରମାରେ ପାଠାଗାର ପାଇଁ ଗୀତା କିଣିଥିଲି



**ସାମାଜିକ କର୍ମୀ ତଥା ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ପାଠାଗାରର ପ୍ରତିଷ୍ଠାତା ସଞ୍ଜୀୟ ସାହୁ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଅନ୍ତର୍ଗତ ଦୁରୁଦୁରା ଗାଁରେ ମୋ ଜନ୍ମ। ଦୁରୁଦୁରା ଉଚ୍ଚ ବିଦ୍ୟାଳୟରୁ ୨୦୦୪ରେ ମାଟ୍ରିକ୍ ପାସ୍ କରି କବି ଯଦୁମଣି ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତରେ ଉପଶାସ୍ତ୍ରୀ ଓ ଶାସ୍ତ୍ରୀ ପଢିଥିଲି। ସ୍କୁଲ୍ ପଢାବେଳୁ ବିଭିନ୍ନ ଖବରକାଗଜରୁ ଐତିହ୍ୟ, ସଂସ୍କୃତି, ପରମ୍ପରା ସମ୍ପର୍କିତ ଲେଖା, ପଶୁପକ୍ଷୀ ଉପରେ ପ୍ରକାଶ ପାଉଥିବା ବିଭିନ୍ନ କୌତୁକିଆ ବିଷୟ ଏବଂ କୁଇଜ୍ ଇତ୍ୟାଦିକୁ କାଟି ରଖିବାର ଏକ ନିଆରା ଅଭ୍ୟାସ ମୋର ଆରମ୍ଭ ହୋଇଥିଲା। ସେହିପରି ବୋଉ ପାଖରୁ କେତୋଟି ବିଶିଷ୍ଟ ବ୍ୟକ୍ତିଙ୍କ ମୁଣ୍ଡ ଚିହ୍ନ ଥିବା ମୁଦ୍ରା ପାଇବା ପରେ ବିରଳ ମୁଦ୍ରା ସଂଗ୍ରହ କରିବାର ନିଶା ମୋତେ ଘାରିଲା। କ୍ରମେ ବିଭିନ୍ନ ପ୍ରକାର ଦିଆସିଲି ଖୋଳ, ଡାକଟିକଟ, ଖବରକାଗଜ, ମାଗାଜିନ୍ ଇତ୍ୟାଦି ସଂଗ୍ରହ କଲି। ମୋର ଏହି ଅଭ୍ୟାସ ବିଷୟରେ କ୍ରମେ ଆମର ପଡ଼ୋଶୀ, ମୋ ସାଙ୍ଗସାଥୀ ଓ ଶିକ୍ଷକମାନେ ଜାଣିଲେ ଆଉ ଆବଶ୍ୟକସ୍ଥଳେ ମୋତେ ଏସବୁ ସଂଗ୍ରହ କରିବାରେ ସାହାଯ୍ୟ ବି କଲେ। ଧୀରେ ଧୀରେ ମୋ ପାଖରେ ସଂଗୃହିତ ଜିନିଷର ମାତ୍ରା ବୃଦ୍ଧି ପାଇବାରୁ ମୁଁ ଏକ ସଂଗ୍ରହାଳୟ ଗଢ଼ିବାକୁ ଚିନ୍ତା କରି ୨୦୦୯ରେ ଆମ ଘରେ ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ପାଠାଗାର ନାମରେ ଏକ ଅନୁଷ୍ଠାନ ପ୍ରତିଷ୍ଠା କଲି। ଏହି ଅନୁଷ୍ଠାନଟି ଗଢିବା ପରେ ମୋତେ ଏକ ନିଆରା ପରିଚିତି ମିଳିଲା। ଆଖପାଖର ଲୋକେ ସଂଗ୍ରହାଳୟକୁ ବୁଲି ଆସିଲେ। ଏପରି କି ଯଦି କୌଣସି ବ୍ୟକ୍ତିଙ୍କୁ ସଂଗ୍ରହାଳୟରେ ରଖିବା ଭଳି କିଛି ବି ଜିନିଷ ମିଳୁଥିଲା, ସେମାନେ ଆଣି ମୋତେ ଦେଉଥିଲେ। ତା'ସହିତ ମୁଁ ବି ବିଭିନ୍ନ ଆଡେ ବୁଲି ଜିନିଷ ସଂଗ୍ରହ କରୁଥିଲି। ଜାଣି ଆଶ୍ଚର୍ଯ୍ୟ ହେବେ, ମୋ ସଂଗ୍ରହାଳୟରେ ସ୍ଥାନ ପାଇଥିବା ଅନେକ ଜିନିଷକୁ ମୁଁ ବିଭିନ୍ନ ଅଳିଆ ଗୋଦାମରୁ ଗୋଟେଇ ଆଣି ସାଇତି ରଖିଛି। ଏଥିପାଇଁ ମୋତେ ଅନେକ ଟାହିଟାପରା ବି ଶୁଣିବାକୁ ପଡିଛି। ହେଲେ ସେସବୁକୁ ମୁଁ କେବେ ମନକୁ ନେଇନି କି ଦୁଃଖ ବି କରିନି। ବରଂ ଏହାକୁ ମୋ ଜୀବନର ଏକ ଲକ୍ଷ୍ୟ ଭାବି ଆଗେଇ ଚାଲିଲି। କେବଳ ସଂଗ୍ରହାଳୟ କଥା ନୁହେଁ ବିଭିନ୍ନ ପ୍ରକାରର ସମାଜମଙ୍ଗଳ କାମରେ ବି ନିଜକୁ ହଜାଇଦେଲି। କାହାର ରକ୍ତ ଦରକାର, କାହାକୁ ଡାକ୍ତରଖାନା ନିଆହେବ, କେଉଁଠି ଗଛ ଲଗାହେବ, କେଉଁଠି ପୋଖରୀ ସଫା ହେବ, ଆହତ ପଶୁପକ୍ଷୀଙ୍କୁ କେମିତି ଚିକିତ୍ସା କରାହେବ ଇତ୍ୟାଦି କାମ କରୁକରୁ କେମିତି ସମୟ ଅତିବାହିତ ହୋଇଯାଉଥିଲା ନିଜେ ବି ଜାଣି ପାରୁ ନ ଥିଲି। ଘରର ବଡ଼ପୁଅ ହୋଇ ବି ଘରର ଦାୟିତ୍ୱ କିଛି ନେଇପାରୁ ନ ଥିଲି। ଏପଟେ ବାପାବୋଉଙ୍କୁ କଷ୍ଟ ଲାଗୁଥିଲେ ବି ମୋର ଏମିତି ପରୋପକାର କାମକୁ ଦେଖି ସେମାନେ ମୋତେ କିଛି କହି ପାରୁ ନ ଥିଲେ। ତା'ଭିତରେ ମୋ ବାହାଘର ଠିକ୍ ହୋଇଗଲା। ତେଣୁ ବାଧ୍ୟ ହୋଇ ଏକ ଘରୋଇ ବ୍ୟାଙ୍କରେ ଫିଲ୍ଡ ଅଫିସର୍ ଭାବେ ଚାକିରି କଲି। ସେଠାରୁ ପ୍ରଥମ ମାସ ଯେଉଁ ଦରମା ପାଇଲି, ସେଥିରେ ବୋଉ ପାଇଁ ବ୍ରହ୍ମପୁରୀ ଲୁଗା, ବାପାଙ୍କ ପାଇଁ ଲୁଙ୍ଗି ଏବଂ ପାଠାଗାରରେ ରଖିବା ପାଇଁ ଶ୍ରୀମଦ ଭଗବଦ୍ ଗୀତା କିଣି ଆଣିଥିଲି। ବାପା, ବୋଉ ବହୁତ ଖୁସି ହୋଇଥିଲେ। ଆଉ ତାଙ୍କ ଆଶୀର୍ବାଦରୁ ଏବେ ଚାକିରି କ୍ଷେତ୍ରରେ ଉନ୍ନତି କରି ଭଞ୍ଜନଗରରେ ରିଲେଶନ୍‌ଶିପ୍ ମ୍ୟାନେଜର ଭାବେ କାର୍ଯ୍ୟ କରିବା ସହ ସଂଗ୍ରହାଳୟରେ ଆହୁରି ଅନେକ ବିରଳ ଜିନିଷ ସାଇତି ରଖିସାରିଲିଣି। ଯେମିତିକି ପଟଚିତ୍ର ହୋଇଥିବା ତାଳପତ୍ର ପୋଥି, ବିଭିନ୍ନ ଦେଶବିଦେଶର ଖବରକାଗଜ, ଦେଶବିଦେଶର ମୁଦ୍ରା, ୧୨୦ ପ୍ରକାରର ଧାନ, ଆଦିବାସୀମାନେ ବ୍ୟବହାର କରୁଥିବା ବିଭିନ୍ନ ପ୍ରକାର ମାଟିରେ ତିଆରି ଅଳଙ୍କାର ଓ ନିତ୍ୟ ବ୍ୟବହୃତ ସାମଗ୍ରୀ, ବିଭିନ୍ନ ପ୍ରକାର ଖଣିଜ ପଦାର୍ଥ, ଭାସମାନ ପଥର, ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନଙ୍କ ବ୍ୟବହୃତ ବ୍ୟାଗ୍ ଓ ବସ୍ତ୍ର, ବିଭିନ୍ନ ପ୍ରକାରର ମାଗାଜିନ୍, ଓଡ଼ିଶାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ବାର୍ଷିକ ପତ୍ରିକା, ବିଭିନ୍ନ ପ୍ରକାର ଆୟୁର୍ବେଦିକ ଚେରମୂଳି ସାମଗ୍ରୀ ଇତ୍ୟାଦି ଅନ୍ୟତମ। ତା'ସହିତ ଆଗକୁ ଉକ୍ତ ସଂଗ୍ରହାଳୟକୁ ଆହୁରି ବଡ଼ କରି ଗଢ଼ିବାକୁ ଯୋଜନା ମଧ୍ୟ କରୁଛି। ସେହିପରି ରକ୍ତଦାନ ଶିବିରର ଆୟୋଜନ କରିବା, ଆହତ ପଶୁପକ୍ଷୀଙ୍କର ଚିକିତ୍ସା କରାଇବା, ସ୍ୱଚ୍ଛଭାରତ ଅଭିଯାନରେ ସାମିଲ ହେବା, ବୃକ୍ଷରୋପଣ କରିବା, ଘରଚଟିଆ ସୁରକ୍ଷା ପାଇଁ ଜନସଚେତନତା ସୃଷ୍ଟି କରିବା ଇତ୍ୟାଦି କାର୍ଯ୍ୟରେ ନିଜକୁ ସାମିଲ କରି ଆତ୍ମସନ୍ତୋଷ ବି ଲାଭ କରିପାରୁଛି।

*–ଅନ୍ୱିତା*

## ସାଥୀ

# ଅଧା ସପନରେ ପାହିଲା ରାତି, ମଉନେ ବସିଛି ମଉନାବତୀ



**ପ୍ରଶ୍ନ–** ଥରେ ଏକ ସୁନ୍ଦର ସ୍ୱପ୍ନ ଦେଖୁଥିଲି। ମୋ ମନର ମଉନାବତୀ ସପନରେ ଆସିଲା। ହେଲେ ସେ କିଛି କହିବା ପୂର୍ବରୁ ରାତି ପାହିଗଲା। ଏବେ ମୁଁ କ'ଣ କରିବି ?

*–ଦିନେଶ ରାଉତ, ବାଲେଶ୍ୱର*

**ଉତ୍ତର:** ସତରେ, 'ଅଧା ସପନରେ ପାହିଲା ରାତି, ମଉନେ ବସିଛି ମଉନାବତୀ।' ବେଳେବେଳେ ପ୍ରେମର ନିଶା କେତେକଙ୍କୁ ଏମିତି ଘାରିଥାଏ ଯେ ସେମାନେ ରଙ୍ଗିନ ସ୍ୱପ୍ନରେ ହଜିଯାଇ ଥାଆନ୍ତି। ହେଲେ ସ୍ୱପ୍ନ ଆଉ ବାସ୍ତବତା ଭିତରେ ଆକାଶ ପାତାଳ ତଫାତ୍ ରହିଛି। ତେଣୁ ଯଦି ପ୍ରେମର ଅସଲ ମଜା ନେବାକୁ ଚାହୁଁଛନ୍ତି ତେବେ ଏପରି ପ୍ରେମିକାଟିଏ ଚଏସ୍ କରନ୍ତୁ ଯିଏ ଆପଣଙ୍କ ପ୍ରେମରେ ସବୁବେଳେ ଫଗୁଣ ଭରିଦେଉଥିବ। ବାସ୍, ସବୁକଥା ନିଜ ଚଏସ୍ ଉପରେ ହିଁ ନିର୍ଭର କରେ।

**ପ୍ରଶ୍ନ–** ଜଣେ ଝିଅକୁ 'ଆଇ ଲଭ୍ ୟୁ' କହିବାକୁ ଡର ଲାଗେ କାହିଁକି ?

*–ତନ୍ମୟ କୁମାର, ସୋନପୁର*

**ଉତ୍ତର:** ମନରେ ସାହସର ଘୋର ଅଭାବ। କାରଣ ଜଣେ ଝିଅକୁ 'ଆଇ ଲଭ୍ ୟୁ' କହିବା ସହଜ କଥା ହୋଇପାରେ। ଯଦି ସେପଟୁ ରେଡ୍ ସିଗନାଲ ମିଳିଲା ତେବେ ସେଭଳି ପରିସ୍ଥିତିକୁ ସାମନା କରିବାର ଧୈର୍ଯ୍ୟ ରହିବା ଦରକାର। ପ୍ରେମ ରାସ୍ତା ସବୁବେଳେ ଖସଡା। ଦେଖିଚାହିଁ ପାଦ ନ ପକାଇଲେ କେତେବେଳେ ଯେ ଗୋଡ ଖସିଯିବ ତାହା ନିଜେ ଜାଣିପାରିବେ ନାହିଁ। ତେଣୁ ମନରେ ଦମ୍ଭ ରଖି ପ୍ରେମ କରିବାକୁ ଆଗାନ୍ତୁ।

**ପ୍ରଶ୍ନ–** ମୋ ସାଙ୍ଗକୁ ଯେଉଁ ଝିଅ ଧୋକା ଦେଇ ଚାଲିଯାଇଥିଲା, ଏବେ ସେ ମୋତେ ପ୍ରେମ ନିବେଦନ କରୁଛି। କ'ଣ କରିବି ଜାଣିପାରୁନାହିଁ।

*–ଉତ୍ତମ, ପୁରୀ*

**ଉତ୍ତର:** ସେଭଳି ପ୍ରେମିକାଙ୍କୁ ବିଶ୍ୱାସ କରିବା ଅର୍ଥ ନିଆଁକୁ ଡାକି ଆଣି ଅଣ୍ଟିରେ ପୂରାଇବା ପରି ହିଁ ହୋଇଥାଏ। ଯିଏ ଥରେ ଜଣକୁ ଧୋକା ଦେଇଛି ସେ ଯେ ଆପଣଙ୍କୁ ସବୁଦିନ ନିଜର କରି ରଖିବ ତାହାର ଗ୍ୟାରେଣ୍ଟି କିଏ ଦେବ ? ତେଣୁ ଯଦି ଆପଣଙ୍କୁ ପାଣିପାଗ ଭଲ ଲାଗୁଛି ଆଉ ସେହି ଝିଅ ଉପରେ ଶତ ପ୍ରତିଶତ ଭରସା ଆସୁଛି ତେବେ ନିଜ ବୁଦ୍ଧି ଖଟାଇ ଆଗେଇ ପାରନ୍ତି। ନ ହେଲେ ଆପଣଙ୍କ ଅବସ୍ଥା ଯେ ଆପଣଙ୍କର ସାଙ୍ଗ ପରି ନ ହେବ ସେ କଥା କିଏ କହିବ ?

**ପ୍ରଶ୍ନ–** ସୁନ୍ଦରୀ ଝିଅଙ୍କ ପ୍ରେମକୁ ଭରସା ନାହିଁ। ଏକଥା ସତ କି ?

*–ଅମର ଦାସ, ରାଉରକେଲା*

**ଉତ୍ତର:** ଏଭଳି ମାନସିକତା ପଛରେ କେତେ ସତ ଅଛି ତାହାକୁ ନେଇ ଯଦି ଆଲୋଚନା କରିବା ତେବେ ତାହା ଶେଷ ହେବ ନାହିଁ। ପ୍ରେମ କରିବା ବେଳେ ରୂପ ରଙ୍ଗ ନୁହେଁ ପ୍ରେମିକାର ମନକୁ ଜିଣିବାକୁ ଚେଷ୍ଟା କରନ୍ତୁ। ଯେଉଁ କଥାକୁ ନେଇ ଆପଣ ଗୋଳକ ଧନ୍ଦାରେ ପଡିଛନ୍ତି ତାକୁ ଯଦି ଧରି ବସିବେ ତେବେ ଆପଣଙ୍କ ପ୍ରେମ ମିଶନ ସେମିତି ଅଧା ବାଟରେ ଅଟକି ଥିବ। ବାସ୍, ପ୍ରେମିକା ସୁନ୍ଦରୀ ହେଉ ଅବା ଅସୁନ୍ଦରୀ, ଯଦି ତା' ମନ ପାଖରେ ଆପଣଙ୍କ ମନ ବନ୍ଧା ପଡିଗଲା ତେବେ ସେଠାରେ ରୂପ ରଙ୍ଗକୁ ନେଇ ମନରେ ପ୍ରଶ୍ନ ଉଠାଇଲେ ପାଣିପାଗ ବଦଳିଯିବାର ଆଶଙ୍କା ରହିଛି।

# ଅଜବ ଶିଶୁଙ୍କ ଗଜବ କଥା





**ଏମାନେ ସମସ୍ତେ ଛୋଟ ପିଲା। ସବୁ ପିଲାଙ୍କ ପରି ଏମାନଙ୍କର ବି କୁନି କୁନି ସ୍ୱପ୍ନ। କିନ୍ତୁ ଅସାଧାରଣ ସେମାନଙ୍କ ଚେହେରା, ଯାହା ଅନ୍ୟମାନଙ୍କଠାରୁ ସେମାନଙ୍କୁ ଭିନ୍ନ କରେ । କିଏ ଆଜନ୍ମରୁ ଭିନ୍ନ ତ କିଏ ନିଜକୁ ଭିନ୍ନ କରି ଗଢି ତୋଳିଛି । ଆଉ ପାଲଟିଛନ୍ତି ଜଣେ ଜଣେ ବିସ୍ମୟ ଶିଶୁ । ଜାଣନ୍ତୁ ସେମାନଙ୍କ ଜୀବନର ରୋଚକ କଥା...**

**ନାକ ନ ଥିବା ଝିଅ**–ଜନ୍ମ ପରେ ଯେବେ ମା' ଦେଖିଲେ ଝିଅ ତାଙ୍କର ବିନା ନାକରେ ଜନ୍ମ ହୋଇଛି, ସେ ବୁଝିପାରି ନ ଥିଲେ ଶିଶୁଟି କେମିତି ବଞ୍ଚିବ। ହେଲେ ଦିନ ବିତିବା ସହ ଶିଶୁଟି ଆରାମରେ ବଞ୍ଚିବା ସହ ସବୁବେଳେ ତା' ମୁହଁରେ ଲାଖି ରହୁଥିଲା ହସ। ୟୁକେ, ମଘେରାସ୍ଥ ଗ୍ରେନ୍ ଇଭାନ୍‌ଙ୍କ ଝିଅ ଟେସା ଇଭାନ ଏଭଳି ଏକ ବିରଳ ସ୍ଥିତିରେ ଜନ୍ମ ହୋଇଥିଲେ। କେବଳ ସେତିକି ନୁହେଁ ତାଙ୍କ ହୃତ୍‌ପିଣ୍ଡରେ ଛୋଟ କଣା ଏବଂ ବାମ ଆଖିରେ କାଟାରାକ୍ଟ ଥିବାରୁ ସର୍ଜରି ସମୟରେ ଦୃଷ୍ଟିଶକ୍ତି ବି କମିଗଲା। ଶରୀରରେ ଏତେ ସବୁ ଅଭାବ ସତ୍ତ୍ୱେ ଅନ୍ୟ ପିଲାଙ୍କ ଭଳି ଟେସା ହସେ, ଖେଳେ, ନାଚିବାକୁ ବି ଭଲପାଏ। ନିକଟରେ ତାଙ୍କର ଏକ ପ୍ରୋସ୍ଥେଟିକ ନାକ ଲଗାଯାଇଛି। ବୟସ ବଢିବା ସହ ଏହି ନାକ ବି ବଦଳାଯିବ।

**ଜନ୍ମରୁ ପାଚିଲା ଚୁଟି ଥିବା ଝିଅ–** ସାଉଥକାରୋଲିନା, ରିଜଲାଣ୍ଡର କୁନି ଝିଅ ମିଲିଆନା ଓ୍ୱରଦି। ଜନ୍ମରୁ ତାଙ୍କର ସାମ୍ନା ପଟ ଚୁଟି ପାଚିଲା। କେବଳ ତାଙ୍କର ନୁହେଁ ତାଙ୍କ ମା' ବ୍ରିଆନାଙ୍କ ସାମ୍ନା ପଟ ଚୁଟି ବି ପାଚିଲା। ଏଭଳି ଅଜବ ବର୍ଥମାର୍କ ତାଙ୍କ ପରିବାରର ୪ ପିଢି ଧରି ରହିଆସିଛି। ମିଲିଆନା ହେଉଛନ୍ତି ଏହି ପରିବାରର ଚତୁର୍ଥ ପିଢି। ମିଲିଆନାଙ୍କ କେଶ ଧଳା ହେବା ସହ କେଶତଳଭାଗର ଚର୍ମରେ ବି ଧଳା ପ୍ୟାଚ୍ ପଡିଛି। ତେବେ ବ୍ରିଆନା ଝିଅକୁ ଏମିତି ବଢାଉଛନ୍ତି, ଯେମିତିକି ବଡ଼ ହେବାପରେ ନିଜର ଧଳା କେଶକୁ ନେଇ ସେ ନିଜକୁ ହୀନ ମନେ କରିବ ନାହିଁ। ବରଂ ନିଜକୁ ଖାସ୍ ଓ ସ୍ୱତନ୍ତ୍ର ମନେ କରିବ।

**ଘନ କେଶ ଥିବା ଶିଶୁ ଜୁନିୟର କକ୍ସ–ନୁନ୍ :** 'ଦ ଲିଟିଲ୍ ବିୟର୍ 'ଭାବେ ଏହି କୁନି ଶିଶୁଟି ପରିଚିତ । ବ୍ରିଟେନ୍, ୟୁକେର ଜୁନିୟର କକ୍ସଙ୍କର ଜନ୍ମରୁ ଥିଲା ପ୍ରଚୁର କେଶ। ଆଉ ତାହା ଅଜବ ବି ଥିଲା। କେଶ ମୋଟା, ବହଳ ହେବାସହ ତାହା ଉପରକୁ ଉଠିକି ରହୁଥିଲା। ତାଙ୍କ ମା'ଙ୍କୁ ଏହି କେଶ ସମ୍ଭାଳିବା ଲାଗି ବହୁତ କଷ୍ଟ କରିବାକୁ ପଡୁଥିଲା। ୮ ମାସ ହେବା ସମୟରେ ତାଙ୍କ ମା' ତାଙ୍କ କେଶର ଫଟୋ ଉଠାଇଥିଲେ। ଏହି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।

**ଲମ୍ବା ଆଖିପତା ଥିବା ବାଳକ–** ୧୨ ବର୍ଷ ବୟସ୍କ ମୁଇନ୍ ବଚୋନେଭ୍‌ଙ୍କ ଆଖିପତାର ଲମ୍ବ ପ୍ରାୟ ୨ ଇଞ୍ଚ । ଜନ୍ମ ସମୟରେ ତାଙ୍କ ଅଖିପତା ଏତେ ଲମ୍ବା ଥିଲ ଯେ, ତାହା ତାଙ୍କ ଓଠକୁ ଛୁଉଁଥିଲା। ଏବେ ତାହା ୧.୭ ଇଞ୍ଚ । ମସ୍କୋରେ ରହୁଥିବା ମୁଇନ୍ ନିଜ ଆଖିପତାକୁ ନେଇ ବେଶ୍ କମ୍ଫର୍ଟେବୁଲ। ରଷୀୟାନ ବୁକ୍ ଅଫ୍ ରେକର୍ଡସ୍‌ରେ ବି ସେ ଲମ୍ବା ଆଖିପତା ପାଇଁ ସ୍ଥାନ ପାଇଛନ୍ତି। କେବଳ ଆଖିପତା ନୁହେଁ ମୁଇନ୍‌ଙ୍କ ଭ୍ରୁଲତା ବି ବେଶ୍ ବହଳ ଓ ଲମ୍ବା ।

**ଗୁଇଲିଆନୋ ଷ୍ଟ୍ରୋ–** ରୋମର ବାଳକ ଗୁଇଲିଆନୋ ମାତ୍ର ୨ ବର୍ଷ ବୟସରୁ ଜଣେ ବଡିବିଲ୍ଡର ଓ ଆଥଲେଟ୍ ହୋଇପାରିଥିଲେ। ତାଙ୍କ କୁନି ଶରୀରର ବଳିଷ୍ଠ ମାଂସପେଶୀ ଦେଖି ଲୋକେ ଚକିତ ହେଇଯାଉଥିଲେ। କଠିନରୁ କଠିନ ତାଲିମ ନେଇ ସେ ଅନେକ ଅସମ୍ଭବ କାମ କରି ଗିନିଜ୍ ଓ୍ୱାର୍ଲଡ ରେକର୍ଡସ୍‌ରେ ବି ସ୍ଥାନ ପାଇଛନ୍ତି। ଏବେ ସେ ୧୫ ବର୍ଷ ବୟସର ବାଳକ।

**୮ ମାସ ଝିଅର ଓଜନ ୧୭ କି.ଗ୍ରା.–** ପଞ୍ଜାବର କୁନି ଝିଅ ଚାହତ କୁମାରଙ୍କ ଓଜନ  ଜନ୍ମବେଳେ ସାଧାରଣ ଥିଲା। କିନ୍ତୁ ୪ ମାସର ହେବାବେଳକୁ ଅସ୍ୱାଭାବିକଭାବେ ଓଜନ ବୃଦ୍ଧି ହେବାରେ ଲାଗିଲା। ଆଉ ୮ ମାସ ବେଳକୁ ଓଜନ ବଢି ବଢି ୧୭ କି.ଗ୍ରା.କୁ ପହଞ୍ଚିଗଲା। ଚାହତଙ୍କ ମା' ରୀନା କହନ୍ତି, ଚାହତ ସାଧାରଣ ଶିଶୁ ଭଳି ନୁହେଁ। ତାକୁ ବାରମ୍ବାର ଭୋକ ଲାଗେ। ଖାଇବାକୁ ନ ଦେଲେ କାନ୍ଦେ। ହେଲେ ଅନ୍ୟ ପିଲାଙ୍କ ଭଳି ତାକୁ ବି ବାହାରକୁ ଯାଇ ଖେଳିବାକୁ ଇଚ୍ଛା ହୁଏ। କିନ୍ତୁ ଓଜନ ଅଧିକ ଥିବାରୁ ଟେକି ବାହାରକୁ ନେଇ ହୁଏନା। ସେ ବି ଭଲରେ ଚାଲିପାରେନା।








## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରରରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
**ଫଟୋ ସୌଜନ୍ୟ- କମଲ ଫଟୋଗ୍ରାଫି**

# ହାଃ ହାଃ

## ନିଶ୍ୱାସ

ଯୁବତୀ ଜଣେ ଯୁବକଙ୍କୁ- ଜାଣିଛ, ମୋର ପ୍ରତି ନିଶ୍ୱାସରେ ଜଣେ ଜଣେ ଯୁବକ ମରି ଯାଆନ୍ତି।
ଯୁବକ- ଭଲ ପେଷ୍ଟରେ ଦାନ୍ତ ଘଷ। ଏ ସମସ୍ୟା ଦୂର ହେଇଯିବ।

## ପ୍ରେତାତ୍ମା

ଅଫିସ୍‌ରେ ରାଜେଶ ବିକାଶକୁ- ତୁ ଆଜି ଟିଫିନ୍‌ରେ କ'ଣ ଆଣିଛୁ ମତେ ଟିକେ ଦେଲୁ।
ବିକାଶ- କାଇଁ ଆଜି କ'ଣ ଖାଇକି ଆସିନୁ କି?
ରାଜେଶ- ନା।
ବିକାଶ- କାହିଁକି?
ରାଜେଶ- କାଲି ତୋ ଭାଉଜ ରାଗିଥିଲା। ତାକୁ ମୁଁ ହ୍ୱାଟ୍ସଆପ୍‌ରେ 'ପ୍ରିୟତମା' ଲେଖୁଲେଖୁ 'ପ୍ରେତାତ୍ମା' ହେଇଗଲା।

## ସବୁ ଭଲ

ମିସ୍ ପପୁକୁ- ଏ,ବି,ସି କୁହ।
ପପୁ-ଏ,ବି,ସି।
ମିସ୍- ଆଉ ଶୁଣାଅ।
ପପୁ-ଆଉ ସବୁ ବହୁତ ଭଲ।





# ଛତିଶଗଡ଼ର ଶିମ୍‌ଲା ମୈନପାଟ

ଛତିଶଗଡ଼ର ସୁର୍‌ଗୁଜା ଜିଲା ଅନ୍ତର୍ଗତ ମୈନପାଟରେ ଶିମ୍‌ଲା ଭଳି ପରିବେଶ ଓ ଜଳବାୟୁ ଅନୁଭୂତ ହେବା ସହିତ ବିଭିନ୍ନ ଆକର୍ଷଣୀୟ ଦର୍ଶନୀୟସ୍ଥାନ ସବୁ ଦେଖିବାକୁ ମିଳିଥାଏ। ଖାସ୍ ସେଥିପାଇଁ ମୈନପାଟକୁ ଅନେକେ ଛତିଶଗଡ଼ର ଶିମ୍‌ଲା ବୋଲି ବି ସମ୍ବୋଧନ କରିଥାନ୍ତି...

ଭାରତରେ ଏମିତି ଅନେକ ସ୍ଥାନ ଅଛି, ଯାହା ସମ୍ପର୍କରେ ଖୁବ୍ କମ୍ ଲୋକ ଅବଗତ ଥାନ୍ତି, ହେଲେ ସେହି ସ୍ଥାନଟିର ମହତ୍ତ୍ୱ ହିଁ ଧୀରେ ଧୀରେ ତାକୁ ଏକ ନିଆରା ପରିଚିତି ଦେଇଥାଏ। ଏଇ ଯେମିତି ଛତିଶଗଡ଼ର ସୁର୍‌ଗୁଜା ଜିଲା ଅନ୍ତର୍ଗତ ମୈନପାଟ। ଏହା ହେଉଛି ସ୍ଥାନୀୟ ଏକ ଗାଁ, ଯାହାର ଆକର୍ଷଣୀୟ ପରିବେଶକୁ ଦେଖି କେହି କେହି ଏହାକୁ ଛତିଶଗଡ଼ର ଶିମ୍‌ଲା ବୋଲି ବି କହିଥାନ୍ତି। କାରଣ ଏଠାକୁ ବୁଲି ଆସୁଥିବା ପର୍ଯ୍ୟଟକମାନେ କୁହନ୍ତି, ଏଠାରେ କୁଆଡ଼େ ଶିମ୍‌ଲା ଭଳି ପରିବେଶ ଓ ଜଳବାୟୁ ଅନୁଭୂତ ହୋଇଥାଏ। ଅନ୍ୟପକ୍ଷେ ଏଠାରେ ତିବ୍ବତୀୟ ଲୋକଙ୍କ ସଂଖ୍ୟା ବହୁ ପରିମାଣରେ ରହିଥିବାରୁ ସେମାନଙ୍କର ଜନବସତି ଓ ଜୀବନଶୈଳୀ ବି ପର୍ଯ୍ୟଟକଙ୍କୁ ଏକ ନିଆରା ଅନୁଭୂତି ଦେଇଥାଏ।

### କ'ଣ ଦେଖିବେ

ପ୍ରାକୃତିକ ସୌନ୍ଦର୍ଯ୍ୟରେଭରା ମୈନପାଟରେ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀମାନ ରହିଛି। ଯେମିତିକି:

**ଟାଇଗର୍ ପଏଣ୍ଟ:** ମୈନପାଟର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ଟାଇଗର୍ ପଏଣ୍ଟର ଖୁବ୍ ନାଁ ରହିଛି। ଏହା ହେଉଛି ଏକ ଆକର୍ଷଣୀୟ ଜଳପ୍ରପାତ। ଏହି ଜଳପ୍ରପାତରେ ପାଣିର ସ୍ରୋତ ଖୁବ୍ ପ୍ରଖର ରହିଥାଏ। ପାହାଡ଼, ଜଙ୍ଗଲ ଘେରା ଏହି ଜଳପ୍ରପାତ ନିକଟରେ ପିକ୍‌ନିକ୍ କରିବା ପାଇଁ ପ୍ରାୟ ସବୁବେଳେ ପର୍ଯ୍ୟଟକଙ୍କର ଗହଳି ପରିଲକ୍ଷିତ ହୋଇଥାଏ।

**ମେହେତା ପଏଣ୍ଟ:** ମେହେତା ପଏଣ୍ଟର ଆକର୍ଷଣୀୟ ପରିବେଶ ସମ୍ପର୍କରେ ଯେତେ ବର୍ଣ୍ଣନା କଲେ ବି ସେତେ କମ୍ ହେବ। ମୈନପାଟଠାରୁ ପ୍ରାୟ ୮ କି.ମି ଦୂରରେ ଥିବା ଏହି ପଏଣ୍ଟରେ ବି ଏକ ଜଳପ୍ରପାତ ଦେଖିବାକୁ ମିଳେ, ଯାହାକୁ ଚତୁଃପାର୍ଶ୍ୱରୁ ବିଶାଳ ପାହାଡ଼ମାନ ଘେରି ରହିଥାଏ। ଏଠାକୁ ଗଲେ ଘାଟି ସଦୃଶ ଅନୁଭବ ହୋଇଥାଏ। ତା'ଛଡ଼ା ଶୁଣିବାକୁ ମିଳେ, ମେହେତା ପଏଣ୍ଟଠାରୁ ମାତ୍ର କିଛି ଦୂରରେ ଏମିତି ଏକ ସ୍ଥାନ ଅଛି, ଯେଉଁଠାରେ ମାଟି ଉପରେ ଡେଇଁଲେ ତାହା ପାଦକୁ ଟାଣ ନ ଲାଗି ସ୍ପଞ୍ଜ ଭଳି ଲାଗି ଥାଏ। ଆଉ ଏନେଇ ବିଭିନ୍ନ ଲୋକ ଭିନ୍ନ ଭିନ୍ନ ମତ ଦେଇଥାନ୍ତି। କେହି କୁହନ୍ତି, ପୂର୍ବେ ଏଠାରେ କୁଆଡେ ଏକ ଜଳସ୍ରୋତ ପ୍ରବାହିତ ହେଉଥିଲା। ସମୟକ୍ରମେ ତାହା ଶୁଖିଯାଇ ତା'ଉପରେ ମାଟି ଚଢିଗଲା। ହୁଏତ ମାଟି ତଳର ଭୂମି ଏବେ ବି ସମ୍ପୂର୍ଣ୍ଣ ନ ଶୁଖି ତାହା ସନ୍ତସନ୍ତିଆ ରହିଥିବାରୁ ଏଠାରେ ଡେଇଁଲେ ଏଭଳି ଅନୁଭବ ହେଉଥିବା ଅନୁମାନ କରାଯାଉଛି। ଅନ୍ୟପକ୍ଷେ ଆଉ କେହି କେହି ଏହାକୁ ପୃଥିବୀ ପୃଷ୍ଠରେ ହୋଇଥିବା କୌଣସି ଆଭ୍ୟନ୍ତରୀଣ ପରିବର୍ତ୍ତନକୁ ଏଥିପାଇଁ ଦାୟୀ କରିଥାନ୍ତି। ତେବେ ସେ ଯାହା ବି ହେଉ, ଏଭଳି ଏକ ନିଆରା ଅନୁଭୂତି ପାଇବା ପାଇଁ ଏଠାକୁ ପର୍ଯ୍ୟଟକଙ୍କର ସୁଅ ଛୁଟୁଛି।


**ଫିଶ୍ ପଏଣ୍ଟ:** ମୈନପାଟ ବୁଲି ଆସୁଥିବା ପର୍ଯ୍ୟଟକ ଚାହିଁଲେ ଏଠାରେ ଫିଶ୍ ପଏଣ୍ଟ ନାମକ ଅନ୍ୟ ଏକ ଜଳପ୍ରପାତ ବି ବୁଲି ଦେଖିପାରିବେ।

### କେବେ ଓ କେମିତି ଯିବେ

ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ର ମତାନୁଯାୟୀ, ବର୍ଷାଦିନକୁ ଛାଡି ବାକି ଅନ୍ୟ ଯେ କୌଣସି ସମୟରେ ମୈନପାଟକୁ ବୁଲି ଯାଇହେବ। ସେହିପରି ଏଠାକୁ ଯିବାପାଇଁ ଗମନାଗମନର ମଧ୍ୟ ଭଲ ବ୍ୟବସ୍ଥା ରହିଛି। ସ୍ୱାମୀ ବିବେକାନନ୍ଦ ଏୟାରପୋର୍ଟ ହେଉଛି ଏଠାକାର ଏକ ପ୍ରମୁଖ ବିମାନବନ୍ଦର, ଯାହା ପ୍ରାୟ ୩୮୦ କି.ମି ଦୂରରେ ଅବସ୍ଥିତ। ଏହି ଏୟାରପୋର୍ଟକୁ କେହି କେହି ରାୟପୁର ଏୟାରପୋର୍ଟ ବୋଲି ବି କହିଥାନ୍ତି। ସେହିପରି ଅମ୍ବିକାପୁର ରେଲୱେ ଷ୍ଟେଶନଠାରୁ ମୈନପାଟ ପ୍ରାୟ ୮୦ କି.ମି ଦୂରରେ ରହିଛି। ତା'ଛଡ଼ା ଯଦି କୌଣସି ପର୍ଯ୍ୟଟକ ବସ୍ ଯୋଗେ ଏଠାକୁ ଯିବାକୁ ଚାହୁଁଥାନ୍ତି, ତା'ହେଲେ ଦେଶର ବିଭିନ୍ନ ସ୍ଥାନରୁ ଅମ୍ବିକାପୁରକୁ ଯେଉଁ ଟୁରିଷ୍ଟ ବସ୍ ଯାଉଛି, ସେଥିରେ ଯାଇ ପ୍ରଥମେ ଅମ୍ବିକାପୁରରେ ଓହ୍ଲାଇବେ। ତା'ପରେ ପୁଣି ସେଠାରୁ ଟ୍ୟାକ୍ସି କିମ୍ବା ଲୋକାଲ୍ ବସ୍‌ରେ ଯାଇ ମୈନପାଟରେ ପହଞ୍ଚିପାରିବେ।

### ଦୁଃସାହସିକ କ୍ରୀଡ଼ାର ମଜା ନେଇହେବ


ପାହାଡ଼, ଜଳପ୍ରପାତ ତଥା ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟକୁ ମୈନପାଟରେ ଉପଭୋଗ କରିବା ସହ ପର୍ଯ୍ୟଟକ ଚାହିଁଲେ ଏଠାରେ ଟ୍ରେକିଙ୍ଗ୍, ଜୋର୍‌ବିଙ୍ଗ୍, ରାପ୍‌ଲିଙ୍ଗ୍ ଭଳି ଦୁଃସାହସିକ କ୍ରୀଡ଼ାର ମଜା ନେଇପାରିବେ।







# ନୀଳ ନୟନା ନିଶାରେ ହୋଇଥିଲେ ଅନ୍ଧୁଣୀ

ମଣିଷକୁ ବିଭିନ୍ନ ପ୍ରକାରର ନିଶା ଘାରିଥାଏ । ତା' ଭିତରେ ସୁନ୍ଦର ଦେଖାଯିବାର ନିଶା ଅନ୍ୟତମ । ବେଳେ ବେଳେ ଏଇ ନିଶାରେ ମଣିଷ ନିଜ ଜୀବନକୁ ବିପଦରେ ପକାଇବାକୁ ବି ପଛାଇ ନ ଥାଏ । ଠିକ୍ ଯେମିତି ଅଷ୍ଟ୍ରେଲିଆ, ନ୍ୟୁ ସାଉଥୱେଲ୍ସର ୨୪ ବର୍ଷୀୟା ଏମ୍ବର ଲ୍ୟୁକ୍‌ଙ୍କୁ ଟାଟୁ କରି ନିଜର ସୌନ୍ଦର୍ଯ୍ୟ ବଢ଼ାଇବା ନିଶା ଲାଗିଛି । ଫଳରେ ତାଙ୍କ ଶରୀର ଟାଟୁରେ ଆଚ୍ଛାଦିତ ହୋଇଗଲାଣି । ଏମ୍ବରଙ୍କ ଶରୀରରେ ଏବେ ୨୦୦ରୁ ଊର୍ଦ୍ଧ୍ୱ ଟାଟୁ ଦେଖିବାକୁ ମିଳେ । ଫଳରେ ସେ ଏବେ 'ଡ୍ରାଗନ୍ ଗର୍ଲ'ଭାବେ ପରିଚିତ ହେଉଛନ୍ତି । ଟାଟୁ କରିବା ସହ ସେ ଜିଭକୁ ଦୁଇ ଫାଳ କରି କାଟିଛନ୍ତି । ଏହା ବାଦ୍ ନିକଟରେ ସେ ନିଜ ଆଖିକୁ ନୀଳ ରଙ୍ଗର ଟାଟୁ କରି ନୀଳ ନୟନା ହେବାକୁ ନିଷ୍ପତ୍ତି ନେଇଥିଲେ । ଆଉ ଟାଟୁ କରାଇ ଆଖିକୁ ନୀଳ ରଙ୍ଗରେ ରଙ୍ଗାଇଲେ ମଧ୍ୟ । ହେଲେ ଏହା ତାଙ୍କ ଜୀବନ ପ୍ରତି ବିପଦ ଆଣି ଦେଇଥିଲା । ଆଉ ସେ ଦୃଷ୍ଟିଶକ୍ତି ହରାଇ ବସିଲେ । ଯଦିଓ ସେ ସାମୟିକ ଅର୍ଥାତ୍ ୩ ମାସ ପର୍ଯ୍ୟନ୍ତ ଦୃଷ୍ଟିଶକ୍ତି ହରାଇଥିଲେ, ତେବେ ଏହି ପ୍ରକ୍ରିୟା ବହୁତ ବିପଜ୍ଜନକ ଥିଲା । ଏମ୍ବର କହନ୍ତି, 'ଏହି ଅନୁଭୂତିକୁ ଶବ୍ଦରେ ପ୍ରକାଶ କରିବା ବହୁତ କଷ୍ଟ । ଆଖିରେ ଯେତେବେଳେ ଟାଟୁର କାଳୀ ପକାଯାଉଥିଲା ଲାଗୁଥିଲା ସତେ ଯେମିତି ଅନେକ ମୁନିଆ କାଚ ଆଖିରେ ଫୋଡି ହେଇଯାଉଛି । ଆଖିରେ କାଳୀ ପକାଇବା ପ୍ରକ୍ରିୟା ବର୍ଷକରେ ଚାରି ଥର କରାଯାଇଥିଲା । ଏହା ବହୁତ ବିପଜ୍ଜନକ ଥିଲା । କାରଣ ଟିକେ ଏପଟସେପଟ ହେଲେ ଆଖି ସମ୍ପୂର୍ଣ୍ଣ ନଷ୍ଟ ହେବାର ଆଶଙ୍କା ଥିଲା । ତେବେ ଯେଉଁ ତିନି ମାସ ଦୃଷ୍ଟିଶକ୍ତି ହରାଇଥିଲି ତାହା ଥିଲା ବେଶ୍ ଯନ୍ତ୍ରଣାଦାୟକ ।' ଏମ୍ବର ସର୍ଜରି କରାଇ ସ୍ତନ, ଓଠ ଓ ଭ୍ରୂଲତା ଟ୍ରାନ୍ସଫର୍ମେଶନ କରାଇଛନ୍ତି । ମାତ୍ର ୧୬ ବର୍ଷ ବୟସରୁ ଟାଟୁ ପାଇଁ ତାଙ୍କର ଏହି ପାଗଳାମି ଆରମ୍ଭ ହୋଇଥିଲା । ଏପର୍ଯ୍ୟନ୍ତ ଏଥିରେ ସେ ୧୮.୩୭ ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଲେଣି । ଏମ୍ବର କହନ୍ତି, 'ଏବେ ମୋର ଚିନ୍ତା ନାହିଁ ମୁଁ ବୁଢୀ ହେଲେ କେମିତି ଦେଖାଯିବି । ଏତିକି ଖୁସି ଲାଗୁଛି ଯେ, ମରିବା ପର୍ଯ୍ୟନ୍ତ ଟାଟୁ ପାଇଁ ମୁଁ ସୁନ୍ଦର ରହିବି । ଆଉ ଟାଟୁ ସହ ମରିବି ।'





## କାର୍ଟୁନ କର୍ନର



# ମନ ମୋହୁଛନ୍ତି ନିଗମ

ଯାତ୍ରା ନାଟକର ବଳିଷ୍ଠ ଅଙ୍ଗ ହେଉଛି ଗୀତ। ବିନା ଗୀତରେ ନାଟକ ପ୍ରାୟତଃ ରସାଳ ଲାଗେନାହିଁ। ପୁଣି ଥିମ୍‌କୁ ସୁଟ୍ କରିବା ଭଳି ଲାଇନ୍ ନ ମିଳିଲେ ଦର୍ଶକଙ୍କୁ ବାନ୍ଧି ରଖିବା ସହଜ ନୁହେଁ। ସେଥିଲାଗି ଯାତ୍ରାଋତୁ ଆରମ୍ଭର ବହୁ ପୂର୍ବରୁ ଗୀତ ସଙ୍ଗୀତ ପ୍ରସ୍ତୁତି ଆରମ୍ଭ ହୋଇଯାଏ। ଓଡ଼ିଆ ଯାତ୍ରା ନାଟକରେ ଗୀତ ଲେଖିବା କଥା ଉଠିଲେ ନିଗମ ମିଶ୍ରଙ୍କୁ ଆଗ ଖୋଜାଯାଏ। ତାଙ୍କ ଗୀତରେ ଥାଏ ଏକ ମହକ। ତାଙ୍କ ଶବ୍ଦର ଚମକ ମତୁଆଲା କରିଦିଏ ଶ୍ରୋତାମାନଙ୍କୁ। ସେଥିଲାଗି, ନିଗମ ମିଶ୍ର ସବୁ ଯାତ୍ରା ସଙ୍ଗୀତ ନିର୍ଦ୍ଦେଶକଙ୍କ ପ୍ରଥମ ପସନ୍ଦ। ଏ ବାବଦରେ ନିଗମ କହନ୍ତି, 'ଦୀର୍ଘବର୍ଷ ଧରି ମୁଁ ଗୀତ ଲେଖି ଆସୁଛି। ଈଶ୍ୱରଙ୍କ କୃପା ନ ଥିଲେ ମୁଁ ବର୍ଷ ବର୍ଷ ଧରି ଗୀତ ଲେଖିପାରନ୍ତି ନାହିଁ। ଯାତ୍ରା ଗୀତର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ସିକ୍ୱେନ୍ସକୁ ନେଇ ଗୀତ ରଚନା କରିବା। ସେଥିପାଇଁ ସବୁବେଳେ ନୂଆ ନୂଆ ଲାଇନ୍ ଚିନ୍ତା କରିବାକୁ ପଡ଼େ। କଷ୍ଟ ତ ହୁଏ। ମାତ୍ର ଉପରବାଲାର ଦୟାରୁ ଭଲ ଭଲ ଲାଇନ୍ ସବୁ ମିଳିଯାଏ।'

ଚଳିତବର୍ଷ ନିଗମଙ୍କ ହାତରେ ରହିଛି ୧୯ଟି ଯାତ୍ରା। ସେଥିମଧ୍ୟରେ ରହିଛି 'ବୋଉଲୋ ମୁଁ ବୋହୂ ହେବିନି', 'ବାହାଘର ନୁହେଁ ବାହାବଜାର' 'ସବୁ ଅଧା ଅଧା ନାଁଟି ରାଧା', 'ସିନ୍ଦୂର ହାଟରେ ନାହିଁ ସିନ୍ଦୂର', 'ଅସତୀ ତୁଳସୀ ସତୀ ଚଉରା', 'ସାବତ ସ୍ୱାମୀ', 'ବାପା ବୋଉ ତମେ ଭୁଲ କଲ', 'ବାଦ୍‌ଶାହ, 'ଆପଣମାନେ ଖୁସି ତ', 'କାଳିଦାସଙ୍କର ନୂଆ କାହାଣୀ', 'କଂସ', 'ତମ କଥା ଭାରି ମନେପଡ଼େ', 'ତମ ସିନ୍ଦୂର କୋଉ ସ୍ୱାମୀର', 'ସ୍ୱାମୀ ମରିଗଲେ କାନ୍ଦିବି ନାହିଁ', 'ମାୟାବିନୀ ମୌସୁମୀ', 'ସବୁଠି ବୁଲୁଛି ଶାଗୁଣା ଆଖି', 'କଥା ଦିଅ ମତେ କରିବନି ପର, ନିଜେ ନିଜର ରାମାୟଣ । ଅନୁଷ୍ଠାନ ମଧ୍ୟରେ ରହିଛି ଶିବାନୀ, ସ୍ୱର୍ଣ୍ଣମହଲ, ଧଉଳି ଗଣନାଟ୍ୟ, କୋଣାର୍କ, ବିଶ୍ୱ ଦରବାର, ବାଘାଯତୀନ ଲୋକନାଟ୍ୟ, ସୂର୍ଯ୍ୟ ମନ୍ଦିର। ୧୯ଟି ନାଟକରେ ରହିଛି ପ୍ରାୟ ୭୬ରୁ ଅଧିକ ଗୀତ। ନାଟକରେ ଥିମ୍ ସଙ୍ଗ ରଚନା କରିବା ବେଳେ କିଭଳି ନିଜକୁ ପ୍ରସ୍ତୁତ କରନ୍ତି ବୋଲି ପ୍ରଶ୍ନରେ ନିଗମ କହନ୍ତି : ଭଲ ଭାବରେ ନାଟକଟିକୁ ଶୁଣିବାକୁ ହୁଏ। ନାଟ୍ୟକାର କିଭଳି ଚରିତ୍ର ସୃଷ୍ଟି କରିଛନ୍ତି। ତାହାର ପୂର୍ବ ସ୍ଥିତି କ'ଣ ଥିଲା ? ବର୍ତ୍ତମାନ ସ୍ଥିତି କ'ଣ ଅଛି ? ଆଉ ଭବିଷ୍ୟତରେ ସେ କିଭଳି ଅବସ୍ଥା ଦେଇ ଗତି କରିବ ତାହାକୁ ବୁଝିବାକୁ ହୁଏ। ଦ୍ୱିତୀୟ କଥା ଚରିତ୍ରଟିର ଶିକ୍ଷା କ'ଣ, ତା'ର ପାରିବାରିକ ସଂସ୍କାର କିଭଳି ତାହାକୁ ମଧ୍ୟ ନଜରରେ ରଖିବାକୁ ପଡ଼େ। କେଉଁ କେଉଁ ଚରିତ୍ରକୁ ନେଇ ଥିମ୍ ସଙ୍ଗ୍‌ଟି ପ୍ରବାହିତ ହେବ ତାହାର ଠାବ କରିବା ଅତିଜରୁରୀ। ସର୍ବଶେଷରେ ନାଟ୍ୟକାର ଯେଭଳି ଭାବରେ ସଂଳାପ ରଚନା କରିଛନ୍ତି ତାହାକୁ ସମାନ୍ତରାଳ କରିବା ଭଳି ଶବ୍ଦ ସଂଯୋଜନା କରିବାକୁ ହୋଇଥାଏ। ଏତେସବୁ ବୁଝିବା ପରେ ହିଁ ଯାଇ ଗୋଟିଏ ଥିମ୍ ସଙ୍ଗ୍ ପ୍ରସ୍ତୁତ ହୋଇଥାଏ। ସେହିଭଳି ରୋମାଣ୍ଟିକ୍ ଗୀତଟିକୁ ମଧ୍ୟ ନାଟକରେ ଥିବା ଚରିତ୍ରର ଅନ୍ଦାଜକୁ ଲେଖିବା ପାଇଁ ହୋଇଥାଏ। ସେ ଯା' ବି ହେଉ ଏକାଧିକ ଦଶନ୍ଧି ଧରି ଗୀତ ରଚନା କରୁଥିବା ନିଗମଙ୍କ ନିକଟରେ ଏବେ ମଧ୍ୟ ଗୀତର ଖଣି ସାଇତା ହୋଇରହିଛି। ଲାଇନ୍ କମ୍ ହୋଇନାହିଁ। ସେଇଥିପାଇଁ ତ ଯାତ୍ରାର ସବୁଠୁ ବ୍ୟସ୍ତବହୁଳ ଗୀତିକାର ଭାବରେ ନିଗମ୍‌ଙ୍କୁ ସମସ୍ତେ ସମ୍ମାନ ଦିଅନ୍ତି। ଚଳିତବର୍ଷ ବିକାଶ ଶୁକ୍ଳା, ମିହିର ମହାନ୍ତି, ଏକନ୍ ତଥା ତାପସ ଦାସ (ଟିଟନ୍)ଙ୍କ ଭଳି ସଙ୍ଗୀତ ନିର୍ଦ୍ଦେଶକଙ୍କ ସହିତ କାମ କରି ବେଶ୍ ଆତ୍ମସନ୍ତୋଷ ଲାଭ କରିଛନ୍ତି ବୋଲି କହନ୍ତି ଏହି ଗୀତିକାର।



ପରିବାର ସହ ନିଗମ

# ବାସ୍, କେବଳ ନାଟକ!



ମହେଶ ହାଜରା (ଡାହାଣ)ଙ୍କ ସହ ନାଟ୍ୟକାର ଅରୁଣ ନାୟକ

"ନବମ ଶ୍ରେଣୀରେ ମୁଁ ପ୍ରଥମ ନାଟକ ଲେଖିଥିଲି। ବାସ୍, ସେବେଠୁ ନାଟକ ପ୍ରେମରେ ଏମିତି ପଡ଼ିଯାଇଛି ଯେ ତା' କବଳରୁ ମୁକୁଳି ପାରୁନି।" ଏକଥା କହନ୍ତି ଓଡ଼ିଆ ଯାତ୍ରା ଜଗତର ଅନ୍ୟତମ ପ୍ରତିଭା ସମ୍ପନ୍ନ ନାଟ୍ୟକାର ଅରୁଣ ନାୟକ। କ୍ୱାଣ୍ଟିଟି ବା ନାଟକର ସଂଖ୍ୟା ଉପରେ ନୁହେଁ; ସେ କ୍ୱାଲିଟି ବା ଗୁଣାତ୍ମକ ନାଟକ ଲେଖିବାରେ ବିଶ୍ୱାସ କରନ୍ତି। ତାଙ୍କର କହିବା କଥା ହେଉଛି ବର୍ଷକୁ ଗୋଟିଏ ନାଟକ ଲେଖାଯାଉ। ମାତ୍ର ତାହା ଏକ ଭଲ ନାଟକ ହେଉ। ମୃତ୍ୟୁଦଣ୍ଡ, ସୀତାର ଜଳୁଛି ଚିତା, ହସୁଛି ଅଳପ କାନ୍ଦୁଛି ବେଶି ଭଳି ଅପେରା ନାଟକ ହେଉ କି ଜୀବନର ମୃତ୍ୟୁ, ନାଟ୍ ଚାଲିଛେ (ସମ୍ବଲପୁରୀ ଭାଷା), ସ୍ୱାର୍ଥ, ଯା ଦେବୀ ସର୍ବଭୂତେଷୁ, ଗଣତନ୍ତ୍ରର ବଜାର ଭଳି ବେତାର ତଥା ମଞ୍ଚ ନାଟକ ହେଉ ଏସବୁ ତାହାର ଗୋଟିଏ ଗୋଟିଏ ଉଦାହରଣ। ହାଇସ୍କୁଲ୍‌ରେ ପଢୁଥିବା ବେଳେ ସେ ଲେଖିଥିଲେ ନାଟକ 'ରକ୍ତର ପ୍ରତିଶୋଧ'। ଆଉ ଏହା ହିଁ ଥିଲା ତାଙ୍କର ପ୍ରଥମ ନାଟକ। ତାଙ୍କର ଆଉ ଏକ ନାଟକ 'ବିଜୟମାଳା'। ନାଟକଟିର କାହାଣୀ ତମାଖୁ ନିରୋଧୀ ବାର୍ତ୍ତା ବହନ କରୁଥିଲା। ନାଟକଟି ସେତେବେଳେ ସମ୍ବଲପୁର ଆକାଶବାଣୀ ଦ୍ୱାରା ପ୍ରସାରିତ ହୋଇ ତାଙ୍କୁ ଘରେ ଘରେ ପରିଚିତ କରେଇ ଦେଇଥିଲା। ଆଉ ସେଥିପାଇଁ ସମ୍ବଲପୁର ସାଂସ୍କୃତିକ ପରିଷଦ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଥିଲା ମଧ୍ୟ। ଭେଟେରାନ୍ ଅଭିନେତା ଦେବୀପ୍ରସାଦ ରଥଙ୍କ ଅଭିନୟ ଦ୍ୱାରା ପ୍ରଭାବିତ ହୋଇ ନାଟକଆଡ଼କୁ ଆକର୍ଷିତ ହୋଇଥିଲେ ଅରୁଣ। ଆଉ ଲେଖି ଚାଲିଲେ ଗୋଟିଏ ପରେ ଗୋଟିଏ ନାଟକ। 'ଜୀବନର ମୃତ୍ୟୁ', 'ନାଟ୍ ଚାଲିଛେ (ସମ୍ବଲପୁରୀ ଭାଷା)', 'ସ୍ୱାର୍ଥ', 'ଯା ଦେବୀ ସର୍ବଭୂତେଷୁ', 'ଗଣତନ୍ତ୍ରର ବଜାର', 'ହମ୍‌ରି ଦୁନିଆଁ (ସାଦ୍ରି ଭାଷା)' ଆଦି ତାଙ୍କର ଗୋଟିଏ ଗୋଟିଏ ଉଲ୍ଲେଖନୀୟ ବେତାର ତଥା ମଞ୍ଚ ନାଟକ। କେବଳ ବେତାର କି ମଞ୍ଚନୁହେଁ; ସେ ଛୋଟ ପରଦାରେ ମଧ୍ୟ ସକ୍ରିୟ ଥିଲେ। 'ମହାଯଜ୍ଞ', 'ସକାଳ ସୂର୍ଯ୍ୟ', 'ଶ୍ରାବଣୀ', 'କୁହୁଡ଼ି', 'ପ୍ରିୟାମୋର', 'ଇନ୍ଦ୍ରଜାଲ', 'ଟୋପାଏ ସିନ୍ଦୂର' ଭଳି ଦୂରଦର୍ଶନରେ ପ୍ରସାରିତ ମେଗା ଧାରାବାହିକ କାହାଣୀ, ଚିତ୍ରନାଟ୍ୟ ତଥା ସଂଳାପ ଲେଖି ନିଜ ଭର୍ସାଟିଲିଟିର ପରିଚୟ ଦେଇଛନ୍ତି। ନାଟକ କେବଳ ଆମୋଦ ପ୍ରମୋଦର ମାଧ୍ୟମ ନୁହେଁ। ଏହା ହେଉଛି ସମାଜକୁ ସଚେତନ କରିବାର ଏକ ମାଧ୍ୟମ। ତେଣୁ ସବୁ ନାଟକରେ ଏକ ସାମାଜିକ ବାର୍ତ୍ତା ଦେବା ଲାଗି ସେ ସତତ ଯତ୍ନଶୀଳ। ତାଙ୍କର ସେଭଳି ଏକ ନାଟକ ହେଉଛି 'ବେଳ ଥାଉ ବନ୍ଧ ବାନ୍ଧ'। ନାଟକ ବିଷୟରେ ନାଟ୍ୟକାର କହନ୍ତି : 'ମଣିଷ ପାଇଁ ସବୁଠାରୁ ବଡ଼ ଆବଶ୍ୟକତା ହେଉଛି ଗଛ। ମାତ୍ର ସମଗ୍ର ବିଶ୍ୱରେ ଅବାଧରେ ଗଛକଟା ଚାଲିଛି। ମଣିଷ ଦିନକୁଦିନ ଜଙ୍ଗଲ ସଫା କରିଚାଲିଛି। ଦିନକୁଦିନ ପରିବେଶ ମଣିଷ ପାଇଁ ହାନିକାରକ ସାଜୁଛି। ତେଣୁ ଏବେଠୁ ସାବଧାନ ହେବା ଆବଶ୍ୟକ। ଏହି ବାର୍ତ୍ତା ଦେବା ପାଇଁ ସେ ରଚନା କରିଥିଲେ ନାଟକ 'ବେଳ ଥାଉ ବନ୍ଧ ବାନ୍ଧ'। ଏହି ନାଟକଟି ଯୁକ୍ତରାଷ୍ଟ୍ର ଆମେରିକାର ହ୍ୟୁଷ୍ଟନ ସହର ସ୍ଥିତ ସାନ୍ ଆଣ୍ଟାନିଓ ଠାରେ ମଞ୍ଚସ୍ଥ ହୋଇ ତାଙ୍କୁ ଅଶେଷ ଲୋକପ୍ରିୟତା ଆଣିଦେଇଥିଲା। ସମ୍ପ୍ରତି ଯୁବ ନିର୍ଦ୍ଦେଶକ ମହେଶ ହାଜରାଙ୍କ ସହ ମୃତ୍ୟୁଦଣ୍ଡ, ସୀତାର ଜଳୁଛି ଚିତା ଭଳି ନାଟକ କରି ସେ ବେଶ ସଫଳ ହୋଇଛନ୍ତି ବୋଲି କହନ୍ତି ଏହି ନାଟ୍ୟକାର।

# ମେକ୍ସିକୋର ସୌଖୀନ ଜୀବ

ଈଶ୍ୱରଙ୍କ ସୃଷ୍ଟି ଅତି ବିଚିତ୍ର। ସାରା ବିଶ୍ୱରେ କେତେ ଯେ ପ୍ରାଣୀ ଅଛନ୍ତି ତା'ର କୌଣସି କଳନା ନାହିଁ। ପ୍ରତ୍ୟେକ ପୁଣି ଭିନ୍ନ ଭିନ୍ନ। ସେହିଭଳି ଏକ ସୌଖୀନ ପ୍ରାଣୀ ରହିଥାଏ ମେକ୍ସିକୋରେ । ଯାହାର ପ୍ରାଣୀବୈଜ୍ଞାନିକ ନାମ ହେଉଛି 'ଆକ୍‌ଜୋଲୋଟ୍‌ଲ'। ମେକ୍ସିକୋରେ ସୃଷ୍ଟି ହେଉଥିବାରୁ ଏଗୁଡ଼ିକୁ 'ମେକ୍ସିକାନ୍ ଆକ୍‌ଜୋଲୋଟ୍‌ଲ' ବୋଲି କୁହାଯାଇଥାଏ। ଏହା ଏପରି ଏକ ପ୍ରାଣୀ ଯାହା ତା'ର ସମଗ୍ର ଜୀବନ ଗୋଟିଏ ଲାର୍ଭା ଭଳି ଅତିବାହିତ କରିଥାଏ। ମେକ୍ସିକୋର ଏକ ହ୍ରଦ ହେଉଛି ଜୋଚିମିଲ୍‌କୋ। ସେହି ହ୍ରଦରେ ଏହି ସୁନ୍ଦର ଜୀବଟିକୁ ଦେଖିବାକୁ ମିଳିଥାଏ। ଏହା ମୁଖ୍ୟତଃ ଏକ ଜଳଚର ପ୍ରାଣୀ। ଏହାର ଅଙ୍ଗ ପ୍ରତ୍ୟଙ୍ଗ ଗଛ ଭଳି। ଗଛରୁ ଶାଖା ପ୍ରଶାଖା ବାହାରିବା



ଭଳି ଏମାନଙ୍କ ଶରୀରରୁ ଶାଖା ପ୍ରଶାଖା ବାହାରିଥାଏ । ଖାସ୍, ଏଇଥି ପାଇଁ ଏହି ଜୀବଟକୁ ଦେଖିବାକୁ ଭିଡ଼ ଲାଗିଥାଏ। ସେତିକିନୁହେଁ, ଏହା ଦେଖିବାକୁ ମଧ୍ୟ ଭାରି ସୁନ୍ଦର। ସେଥିଲାଗି ଏହାକୁ ଘରେ ଆକ୍ୱାରିଅମ୍‌ରେ ରଖିବା ପାଇଁ ଲୋକମାନେ ଆଗ୍ରହ ପ୍ରକାଶ କରିଥାନ୍ତି। ତେଣୁ ଏଗୁଡ଼ିକ ବଜାରରେ ବିକ୍ରି ହେଉଥିବା ମଧ୍ୟ ଦେଖିବାକୁ ମିଳେ। ମେକ୍ସିକୋରେ ଏଥିରୁ ଏକ ରୋଷ୍ଟ ପ୍ରସ୍ତୁତ ହୁଏ ଯାହା ଭାରି ସୁଆଦ।



# ସବୁଠୁ ହାଲ୍‌କା ମିଠା

ମିଠା ଖାଇବାକୁ ପ୍ରାୟ ସମସ୍ତେ ଭଲ ପାଆନ୍ତି। କୌଣସି ଖାସ୍ ଅବସରରେ ମିଠାକୁ ବାଦ୍ ଦିଆଯାଇପାରେନା। ସେଇଥିପାଇଁ ତ ବଜାରରେ ପସନ୍ଦ ଅନୁସାରେ ବିଭିନ୍ନ ରକମର ମିଠା ଉପଲବ୍ଧ ହେଉଛି। ତେବେ ଆମେ ଏଠାରେ ଯେଉଁ ମିଠା ବିଷୟରେ କହିବାକୁ ଯାଉଛି ତାହା ସବୁଠୁ ଖାସ୍। ବ୍ରିଟେନ୍‌ର କାରିଗରମାନେ ତିଆରି କରିଛନ୍ତି ପୃଥିବୀର ସବୁଠାରୁ ହାଲ୍‌କା ମିଠା, ଯାହାର ଓଜନ ମାତ୍ର ୧ ଗ୍ରାମ। ଉକ୍ତ ମିଠାର ୯୬ ପ୍ରତିଶତ କେବଳ ପବନ । ଅର୍ଥାତ୍ ପାଟିକୁ ମିଠା କରୁଥିବା ପଦାର୍ଥ ଏଥିରେ ମାତ୍ର ୪ ପ୍ରତିଶତ ଅଛି। ଏହି ମିଠାକୁ ଲଣ୍ଡନସ୍ଥ ଡିଜାଇନର୍ ଷ୍ଟୁଡିଓ ବାମପସ୍ ଆଣ୍ଡ ପାର୍‌ର କାରିଗରମାନେ ଏରୋଜେଲେକ୍ସ ଲାବୋରେଟୋରିର ବୈଜ୍ଞାନିକଙ୍କ ସହ ମିଶି ଜର୍ମାନୀର ହାମବର୍ଗରେ ତିଆରି କରିଥିଲେ। ଉକ୍ତ ମିଠାକୁ ପ୍ରସ୍ତୁତ କରିବାଲାଗି ବୈଜ୍ଞାନିକମାନେ ପ୍ରଥମେ ଦୁନିଆର ସବୁଠାରୁ ହାଲୁକା କଠିନ ପଦାର୍ଥ 'ଏରୋଜେଲ'କୁ ଖାଦ୍ୟୋପଯୋଗୀ କଲେ। ତା'ପରେ ସେଥିରେ ସେମାନେ ମିଠାପଣ ଭରିଲେ। ଏରୋଜେଲର ଆବିଷ୍କାର ୧୯୩୧ରେ ହୋଇଥିଲା। ଏରୋଜେଲରେ ୯୫ରୁ ୯୯.୮ ପ୍ରତିଶତ ପବନ ଥାଏ। ସମ୍ପୂର୍ଣ୍ଣ ବୈଜ୍ଞାନିକ ପଦ୍ଧତିରେ ଏରୋଜେଲ୍‌କୁ ମିଠେଇରେ ରୂପାନ୍ତର କରାଯାଇଥାଏ।

ବ୍ୟାକ୍ ପେଜ୍






# ମୂଷାଙ୍କ ପାଇଁ ପାଇଜାମା ଓ ମ୍ୟାଟ୍ରେସ୍

ପେଟ୍ ଭିତରେ ଅନେକେ ମୂଷା ବି ରଖନ୍ତି। ତାଙ୍କର ଯତ୍ନ ନିଅନ୍ତି, ଖାଇବାକୁ ଦିଅନ୍ତି ଓ ପଞ୍ଜୁରିରେ ରଖନ୍ତି। ତେବେ ନିକଟରେ ଜଣେ ମହିଳା ପୋଷା ମୂଷାଙ୍କ ପାଇଁ ତିଆରି କରିଛନ୍ତି ସୁନ୍ଦର ପାଇଜାମା। ତା'ସହ ସେମାନଙ୍କ ଆରାମ ପାଇଁ ତିଆରି କରିଛନ୍ତି ପାଇଜାମା ସହ ମ୍ୟାଚିଂ ମ୍ୟାଟ୍ରେସ୍। ଏହି କଲେକ୍ସନ ସେ ତାଙ୍କ ପ୍ରିୟ ମୂଷା 'ଡନକାନ୍', ଯେକି ନିକଟରେ ମୃତ୍ୟୁବରଣ କରିଛି ତାକୁ ଉତ୍ସର୍ଗୀକୃତ କରି ତିଆରି କରିଛନ୍ତି। ମୂଷାଟି ହିଁ ପ୍ରଥମେ ସାଜିଥିଲା ତାଙ୍କ ମଡେଲ୍। ମୂଷାଙ୍କ ପାଇଁ ତିଆରି ତାଙ୍କର ଏହି କଲେକ୍ସନର ଫଟୋ ଏବେ ସୋସିଆଲ ମିଡିଆରେ ବେଶ୍ ପସନ୍ଦ କରାଯାଉଛି।









# ସବୁଠୁ ରଙ୍ଗିନ କାଫେ

ଯଦି ଆପଣ ଥାଇଲାଣ୍ଡ, ବ୍ୟାଙ୍କକ୍ ଯିବାକୁ ଯୋଜନା କରିଛନ୍ତି। ଆଉ ଆପଣ ୟୁନିକର୍ନ, ପୋନି ଏବଂ ରଙ୍ଗକୁ ଭଲ ପାଆନ୍ତି। ତେବେ ସେଠାକାର ସିଲୋମରେ ଥିବା ୟୁନିକର୍ନ କାଫେକୁ ନିଶ୍ଚିତଭାବେ ଯିବେ। କାରଣ ଏହି କାଫେ ବେଶ୍ ରଙ୍ଗିନ ହେବାସହ ୟୁନିକର୍ନ(ଏକ ଶିଙ୍ଗ ଥିବା ଘୋଡା) ଖେଳଣାରେ ଭରପୂର। ତେଣୁ ଏହା 'ୟୁନିକର୍ନ କାଫେ'ଭାବେ ମଧ୍ୟ ପରିଚିତ। ଇନ୍ଦ୍ରଧନୁର ସାତ ରଙ୍ଗ ଏଠାରେ ରହିଛି। ଏଠାକାର ଖାଦ୍ୟ ବି ରଙ୍ଗିନ। ପ୍ଲାଷ୍ଟିକ ଚାଣ୍ଡେଲିୟର, ସିଲିଂରୁ ଝୁଲିଥିବା ୟୁନିକର୍ନ, ମଲ୍ଟି କଲର୍ ସୋଫା ସହ ଟେବୁଲରେ ସଜା ଯାଇଥିବା ଛୋଟ ଛୋଟ ଘୋଡ଼ାର ଖେଳଣା ବେଶ୍ ରଙ୍ଗିନ ଓ ଆକର୍ଷକ ଲାଗିଥାଏ। ଛୋଟ ପିଲାଙ୍କୁ ତ ଏହି କାଫେ ବହୁତ ଭଲ ଲାଗିବ।



